**ସଂକ୍ଷେପରେ**

## କାଷ୍ଠର କୋଣାର୍କ ଦେଖିବାକୁ ଲୋକଙ୍କ ଭିଡ଼ ଶୌଚାଳୟ ନଥିବାରୁ ଯାତ୍ରୀ ହଟହଟା

ବୁଗୁଡ଼ା,୧୨।୮(କାଳି ଚରଣ ଦାଶ)

ବୁଗୁଡ଼ା ସହରର ବଡ଼ ଦାଣ୍ଡରେ ଶୋଭା ପାଉଛି ଓଡ଼ିଶାର ଦ୍ୱିତୀୟ ଅର୍କ କ୍ଷେତ୍ର ଭାବେ ପରିଚିତ ବିରଞ୍ଚି ନାରାୟଣ ମନ୍ଦିର। ୧୭୯୯ରେ ରାଜା ଶ୍ରୀକର ଭଞ୍ଜଙ୍କ ଦ୍ୱାରା ନିର୍ମିତ ଏହି ମନ୍ଦିରର ଉପରି ଭାଗ କାଠରେ ତିଆରି ହୋଇଥିବାରୁ ଏହାକୁ କାଷ୍ଠର କୋଣାର୍କ ମଧ୍ୟ କୁହାଯାଉଛି। ବଡଦାଣ୍ଡର ପୂର୍ବ ଦିଗରେ କାଷ୍ଠର କୋଣାର୍କ ଏବଂ ପଶ୍ଚିମ ଦିଗରେ ବୁଗୁଡ଼ା ବାସୀଙ୍କ ଆରାଧ୍ୟ ଦେବତା ବଳଦେବ ମନ୍ଦିର ଦର୍ଶନ ପାଇଁ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁ ଜିଲା ଓ ଜିଲା ବାହାରୁ ଆସୁଛନ୍ତି। ହେଲେ ବିରଞ୍ଚିନାରାୟଣ ମନ୍ଦିର ନିକଟରେ ଶୌଚାଳୟ ନଥିବା ବେଳେ ବଳଦେବ ମନ୍ଦିର ନିକଟରେ ନିର୍ମିତ ହୋଇଥିବା ଶୌଚାଳୟ ଭାଙ୍ଗି ଗଲାଣି। ଫଳରେ ଦୂର ଦୁରାନ୍ତରୁ ଆସୁଥିବା ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରକୁ ସ୍ୱଚ୍ଛ ପରିମଳ ସାଙ୍ଗକୁ ସୁନ୍ଦର କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ବାହାରୁ ଆସୁଥିବା ଯାତ୍ରୀ ବୁଗୁଡ଼ା ବଡ଼ ଦାଣ୍ଡର ଅବସ୍ଥା ଦେଖି ନାକ ଟେକୁଥିବା ଜଣାପଡିଛି। ଏଥିପ୍ରତି ଏନଏସି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଚାଉଳ ବିକ୍ରି ଅଭିଯୋଗରେ ପ୍ରଧାନ ଶିକ୍ଷକଙ୍କୁ ମାଡ଼

ବାଲିଗୁଡ଼ା,୧୨।୮(ସଞ୍ଜୟ କୁମାର ପାଣିଗ୍ରାହୀ)

**ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର**



ସରକାରୀ ଆଶ୍ରମ ବିଦ୍ୟାଳୟ।

ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର ସହ ପିଲାଙ୍କ ଚାଉଳ ବିକ୍ରି କରିବା ଅଭିଯୋଗରେ ବାଲିଗୁଡ଼ା ଥାନା ସୁଡ୍ରା ଗ୍ରାମର ସରକାରୀ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାନ୍ତୁନୁ କୁମାର ପ୍ରଧାନଙ୍କୁ ଶୁକ୍ରବାର ରାତିରେ ଗ୍ରାମବାସୀ ପିଟି ପୋଲିସ ଜିମା ଦେଇଛନ୍ତି।

ଉକ୍ତ ବିଦ୍ୟାଳୟ ପରିସରରେ ଛାତ୍ରୀ ହଷ୍ଟେଲ ରହିଥିବା ବେଳେ ପ୍ରଧାନ ଶିକ୍ଷକ ମହିଳା ରୋଷେୟାଙ୍କୁ ରାତିରେ ଡାକିଥିବା ଗ୍ରାମବାସୀ ଦେଖିଥିଲେ। ଏହି ସମୟ ମଧ୍ୟରେ ୨ ରୋଷେୟା ପଛ ପାଖ ଗେଟରେ ବାହାରୁଥିବା ବେଳେ ଲୋକେ ପ୍ରଧାନ ଶିକ୍ଷକଙ୍କୁ ଟାଣି ଆଣି ବଜାର ମଧ୍ୟରେ ଚଲାଇ ଚଲାଇ ମାଡ଼ ମାରିଥିବାର ଭିଡିଓ ଭାଇରାଲ ହେଉଛି। ପରେ ପ୍ରଧାନ ଶିକ୍ଷକଙ୍କୁ ଲୋକେ ବାରଖମା ଫାଣ୍ଡିକୁ ନେଇ ନେଇ ପୋଲିସ ଜିମା ଦେଇଥିଲେ। ଏଥିରେ କୁଆଡେ ସ୍କୁଲ୍ କର୍ମଚାରୀ ଓ ପରିଚାଳନା କମିଟିର ହାତ ଥିବା ମଧ୍ୟ ଅଭିଯୋଗ ହୋଇଛି। ଅଭିଯୁକ୍ତ ପ୍ରଧାନ ଶିକ୍ଷକ ଏହି ବିଦ୍ୟାଳୟରେ ୭ବର୍ଷ ହେଲା ରହିଥିବା ବେଳେ ତାଙ୍କ ବିରୋଧରେ ସ୍ଥାନୀୟ ମଙ୍ଗଳ ଅଧିକାରୀ, ଉପଖଣ୍ଡ ମଙ୍ଗଳ ଅଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା କହିଛନ୍ତି ସ୍କୁଲ ପରିଚାଳନା କମିଟି ସଭାପତି ସୁଦାମ ମଲ୍ଲିକ ଓ ସ୍ଥାନୀୟ ସରପଞ୍ଚ ସରୋଜିନୀ ମଲ୍ଲିକ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ତାଙ୍କୁ ଦୀର୍ଘ ଦିନ ହେଲା କିଛି ଲୋକେ ଯୋଜନାବଦ୍ଧ ଭାବେ ଆକ୍ରମଣ ଉଦ୍ୟମ କରିଛନ୍ତି। ଶୁକ୍ରବାର ରୋଷେୟା ମହିଳାମାନଙ୍କୁ ଅଫିସ କାମ ପାଇଁ ଡାକି ଥିବା ବେଳେ ମୋତେ ଏଭଳି ମରଣାତ୍ମକ ଆକ୍ରମଣ କରାଯାଇଥିଲା। ଏ ନେଇ ଥାନାରେ ମଧ୍ୟ ଏତଲା ଦେଇଛି। ସେପଟେ ସ୍କୁଲ ପରିଚାଳନା କମିଟି ସଭାପତି ସୁଦାମ ମଲ୍ଲିକ ମଧ୍ୟ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ପୂର୍ବରୁ ସିସିଏକୁ ଅଶ୍ଳୀଳ ବ୍ୟବହାର, ସ୍କୁଲ ଚାଉଳ ବିକ୍ରି କରିବା ଓ ବିଭିନ୍ନ ସମୟରେ ସ୍କୁଲ ପରିଚାଳନା କମିଟିକୁ ଅଶ୍ଳୀଳ ବ୍ୟବହାର କରିଥିବା ଏତଲା ଦେଇଛନ୍ତି। ବର୍ତ୍ତମାନ ଘଟଣାକୁ ୨୪ଘଣ୍ଟା ବିତିଯାଇଥିଲେ ମଧ୍ୟ କୌଣସି ମାମଲା ରୁଜୁ ହୋଇ ନଥିବା ଜଣାପଡ଼ିଛି। ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## ଚାଷୀଙ୍କ ସନ୍ଦେହଜନକ ମୃତ୍ୟୁ

ଟିକିଟି,୧୨।୮(ପ୍ରକାଶ ଚନ୍ଦ୍ର ସାହୁ)

ଟିକିଟି ବ୍ଲକ ଲାଲାମେଣ୍ଟା ପଞ୍ଚାୟତ ବିଏସ୍ଏଲଏନପୁର ଗ୍ରାମରେ ଶନିବାର ଜଣେ ବୃଦ୍ଧଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ସେ ହେଲେ ଦୁର୍ଯ୍ୟୋଧନ ପ୍ରଧାନ (୬୭)। ସକାଳୁ ଦୁର୍ଯ୍ୟୋଧନ ଆଖୁ ବାଡ଼କୁ ପାଣି ମଡାଇବାକୁ ଯାଇଥିଲେ, ବିଳମ୍ବ ଯାଏ ନଫେରିବାରୁ ପଡୋଶୀ ଚାଷୀ ତାଙ୍କୁ ଡାକିବାକୁ ଯାଇଥିଲେ। ସେତେବେଳେ ଦୁର୍ଯ୍ୟୋଧନ ଜମିରେ ପଡି ଅଚେତ ହୋଇଯାଇଥିଲେ। ଗ୍ରାମବାସୀ ଓ ପରବାର ଲୋକେ ତାଙ୍କୁ ଟିକିଟି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ପ୍ରବଳ ଖରା ସାଙ୍ଗକୁ ଗରମ ଅନୁଭୂତ ହେଉଥିଲା। ଏଣୁ ଏହା ଅଂଶୁଘାତ ଜନିତ ମୃତ୍ୟୁ ବୋଲି ଗ୍ରାମବାସୀ ଆଶଙ୍କା କରିଛନ୍ତି। ଦୁର୍ଯ୍ୟୋଧନଙ୍କ ପରିବାର ଅତ୍ୟନ୍ତ ଗରିବ, ଚାଷ କରି ପରିବାର ପ୍ରତିପୋଷଣ କରୁଥିବାରୁ ସରକାରଙ୍କ ତରଫରୁ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ବିଜେଡି କର୍ମକର୍ତ୍ତାଙ୍କ ବୈଠକ


ବୈଠକରେ ପ୍ରଦୀପ ପ୍ରଜ୍ୱଳନ କରାଯାଉଛି।

ଫୁଲବାଣୀ, ୧୨।୮(ରାକେଶ କୁମାର ରାଉତ)

ବିଜେଡିର କର୍ମକର୍ତ୍ତା ବୈଠକ ଶନିବାର ଫୁଲବାଣୀରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଛାତ୍ର ସଭାପତି ସୁନୀଲ ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲା ସଭାପତି ସରୋଜ କର୍ଣ୍ଣ, ଯୁବ ସଭାପତି ବିଷ୍ଣୁ ଚରଣ ମଲ୍ଲିକ ଯୋଗଦେଇ ଛାତ୍ରମାନଙ୍କୁ ସଙ୍ଗଠିତ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ପାଇଁ ସଙ୍ଗଠନକୁ ମଜଭୁତ କରିବା ଏବଂ ସୋସିଆଲ ମିଡିଆକୁ ଉପଯୋଗ କରିବା ଉପରେ ଛାତ୍ର ସଭାପତି ସେଠୀ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡିର ସମସ୍ତ ଜିଲା କର୍ମକର୍ତ୍ତା, ସମସ୍ତ ବ୍ଲକ, ଏନ୍ଏସି ସଭାପତି ଉପସ୍ଥିତ ଥିଲେ।

# ଆନ୍ତର୍ଜାତିକ ଯୁବ ଦିବସରେ ବିଭିନ୍ନ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପୁରସ୍କୃତ ଛାତ୍ରୀଛାତ୍ର।

ବେଲଗୁଣ୍ଠା,୧୨।୮(କୃଷ୍ଣଚନ୍ଦ୍ର ପଟ୍ଟନାୟକ): ଆନ୍ତର୍ଜାତିକ ଯୁବ ଦିବସ ଅବସରରେ ଶନିବାର ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଲିଖନ, ସଙ୍ଗୀତ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଲିଖନ ପ୍ରତିଯୋଗିତାରେ ବର୍ଷାରାଣୀ ଭୂୟାଁ, ସ୍ମୃତିମୟୀ ସ୍ୱାଇଁ, ମାନସୀ ସ୍ୱାଇଁ, ଚିତ୍ରାଙ୍କନ ପ୍ରତିଯୋଗିତାରେ ଶିବରାମ ଜେନା, କଳ୍ପନା ପରିଡା, ରଶ୍ମିତା ସ୍ୱାଇଁ, ଦୀପାଳି ସାହୁ ଏବଂ ସଂଗୀତ ପ୍ରତିଯୋଗିତାରେ ଶୁଭାଙ୍ଗି ପ୍ରିୟଦର୍ଶିନୀ, ମୀରା ଗୌଡ଼ ଏବଂ ନାରାୟଣ ସେଠୀ ପୁରସ୍କୃତ ହୋଇଥିଲେ। ଅନୁଷ୍ଠାନର ଯୁବ ରେଡକ୍ରସ୍ ଏବଂ ଆସଭିଆନସ୍ ରେଡ୍ ରିବନ୍ କ୍ଲବ୍ ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ଯୁବ ଦିବସ ପାଳିତ ହୋଇଥିଲା। ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପ୍ରାକ୍ତନ ଅଧ୍ୟକ୍ଷ ବି ଗୋବିନ୍ଦ ରାଓ, ମୁଖ୍ୟବକ୍ତା ରୂପେ ଦିବ୍ୟ ଜୀବନ ସଂଘର ବିଶିଷ୍ଟ କର୍ମକର୍ତ୍ତା ଶ୍ରୀଧର ଦାସ ଯୋଗ ଦେଇଥିଲେ। ଯୁବ ରେଡ୍‌କ୍ରସ ଉପଦେଷ୍ଟା ସୁଶାନ୍ତ କୁମାର ଲେଙ୍କା ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱରୂପରାଣୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ରୁନିବାଳା ତ୍ରିପାଠୀ, ଦିପୁ ଭୂୟାଁ, ଦେବେଶ ଚନ୍ଦ୍ର ମହାପାତ୍ର, ମହେଶ୍ୱର ରାଉତ, ସନ୍ତୋଷୀ ପରିଡା, ପି. ଦୀପକ ରାଓ, ରୁପାଲୀ ବିଶୋଇ, ଭାରତୀ ବିଶ୍ୱାଳ, ଗଙ୍ଗାଧର ରଣା, ପିଙ୍କି ପଲାଇ ସହଯୋଗ କରିଥିଲେ।

# ବିଦ୍ୟାଳୟରେ ପୋଷାକ ବଣ୍ଟନ

ଗଞ୍ଜାମ,(ବିଦ୍ୟାଧର ସାହୁ),୧୨।୮

ଗଞ୍ଜାମ ବ୍ଲକ ପାଳିବନ୍ଧ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ମହାଲିକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଏବିଇଓ ବିଜୟ କୁମାର ବେହେରା, ସ୍କୁଲ ପରିଚାଳନା କମିଟି ସଭାପତି ଶବର କୁମାର ତରାଇ, ଗ୍ରାମ୍ୟ କମିଟି ସଭାପତି ବୃନ୍ଦାବନ ପ୍ରଧାନ, ସିଆର୍‌ସିସି ସୁରେନ୍ଦ୍ର ସେଠୀ, ୱାର୍ଡମେମ୍ବର ଧନୁ ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ଏବିଇଓଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମସ୍ତ ଛାତ୍ରୀଛାତ୍ରଙ୍କୁ ପୋଷାକ, ବୁଟ୍ ଆଦି ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ଦିବ୍ୟସିଂହ ପଲାଇ, ସ୍ୱପ୍ନା ପଲାଇ, ଶିକ୍ଷକ ରଘୁନାଥ ସାହୁ, କମିଟି ଉପସଭାପତି ପ୍ରମୋଦ ପଲାଇ ପ୍ରମୁଖ ସହଯୋଗ କରିଥିଲେ। ଏହି ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ଶୀଘ୍ର ନିଯୁକ୍ତ କରାଯିବ ବୋଲି ଏବିଇଓ ପ୍ରତିଶ୍ରୁତି ଦେଇଛନ୍ତି।

# ଜ୍ଞାନ ବିଜ୍ଞାନ ମେଳାରେ ୧୫୦ ପ୍ରକଳ୍ପ ପ୍ରଦର୍ଶିତ



ପାରଳାଖେମୁଣ୍ଡି(ଗିରିଧାରୀ ପରିଚ୍ଛା),୧୨।୮

ପାରଳାଖେମୁଣ୍ଡି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗଣପତି ସାବତ ଫାଉଣ୍ଡେଶନ ସଭାପତି ବିନୋଦ ଚନ୍ଦ୍ର ସାବତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ମୁଖ୍ୟ ଅତିଥି ଭାବେ ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିର, ନୀଳକଣ୍ଠ ନଗର(ବ୍ରହ୍ମପୁର)ଅଧ୍ୟକ୍ଷ ଡ. ସୁବ୍ରତ ପାଣିଗ୍ରାହୀ ତଥା ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ନିରୀକ୍ଷକ କେ. ରବି କୁମାର, ଅବସରପ୍ରାପ୍ତ ବିଇଓ(ଗୋଷାଣୀ) ବାଳକୃଷ୍ଣ ମାଝୀ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ମେଳାରେ ୧୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ୩୦ଜଣ ଛାତ୍ରଛାତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବିଦ୍ୟାଳୟର ସଭାପତି ଡ. ଶଙ୍କର ପ୍ରସାଦ ବକ୍ସି ସଭାପତିତ୍ୱ କରିଥିଲେ।

# କାର୍ଯ୍ୟରେ ଯୋଗଦେଲେ ଗାଲେରି ରେଞ୍ଜର



ଭଞ୍ଜନଗର,୧୨।୮(ବାବୁଲା ପ୍ରଧାନ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ରେଞ୍ଜରେ ପୂର୍ବରୁ ଡେପୁଟି ରେଞ୍ଜର ଥିବା ଆଶାଲତା ଦିଗାଲ ପଦୋନ୍ନତି ପାଇ ନୂତନ ନିଯୁକ୍ତି ପାଇଛନ୍ତି। ତାଙ୍କୁ ଗାଲେରି ରେଞ୍ଜର ଭାବେ ନିଯୁକ୍ତି ଦିଆଯାଇଛି। ଆଶାଲତା ଶୁକ୍ରବାର ଗାଲେରୀ ରେଞ୍ଜରେ ରେଞ୍ଜର ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ରେଞ୍ଜ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏଥିସହ ପୂର୍ବରୁ ସେଠାରେ ଡେପୁଟି ରେଞ୍ଜର ଥିବା ଶିବରାମ ନାୟକଙ୍କ ଡିଏଫଓ କାର୍ଯ୍ୟାଳୟକୁ ବଦଳି ହୋଇଛି। ଏହି ଅବସରରେ ତାଙ୍କୁ ମଧ୍ୟ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବନପାଳ ବବୁଲ ସେଠୀ, ଶୁଭସ୍ମିତା ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ବନପାଳରୁ ଡେପୁଟି ରେଞ୍ଜର ପଦବୀକୁ ବେନିୟମ ଭାବେ ପଦୋନ୍ନତି ହୋଇଥିବା ଦର୍ଶାଇ ରାଜ୍ୟ ସରକାର ୨୦୨୧ ଅକ୍ଟୋବର ୮ତାରିଖରେ ୪୮ଜଣ ଡେପୁଟି ରେଞ୍ଜରକୁ ପଦୋନ୍ନତି ଦେବା ବଦଳରେ ରିଭର୍ଟ କରିଦେଇଥିଲେ। ଫଳରେ ସେମାନେ ପୁଣି ବନପାଳ ପଦବୀକୁ ଚାଲିଆସିଥିଲେ। ଡେପୁଟି ରେଞ୍ଜର ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ। ୨୦୨୨ ଏପ୍ରିଲ ୨୫ ତାରିଖରେ ସେମାନଙ୍କ ସପକ୍ଷରେ ରାୟ ଆସିଥିଲା। ରାୟ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟ ଯାଇଥିଲେ। ଗତ ମାର୍ଚ୍ଚ ୨୦ରେ ସୁପ୍ରିମକୋର୍ଟ ଡେପୁଟି ରେଞ୍ଜରମାନଙ୍କ ସପକ୍ଷରେ ରାୟ ଦେବାପରେ ଗତ ୫ ତାରିଖରେ ସମସ୍ତ ୪୮ଜଣଙ୍କୁ ରେଞ୍ଜର ଭାବେ ପଦୋନ୍ନତି ଦିଆଯାଇଛି।

# ସରସ୍ୱତୀ ଶିଶୁମନ୍ଦିରରେ ବିଜ୍ଞାନ ମେଳା

ସୋରଡ଼ା(ଲମ୍ବୋଦର ପାଣିଗ୍ରାହୀ), ୧୨।୮: ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିରରେ ସଙ୍କୁଳସ୍ତରୀୟ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିହପଡାଳ ଶିଶୁମନ୍ଦିରର ୩୯ ପ୍ରକଳ୍ପ, ବୁଗୁଡ଼ାର ୩୮, ସୋରଡ଼ାର ୩୯, କରଚୁଲିର ୧, କୁଲାଡ଼ର ୪, ଗାୟଗଣ୍ଡାର ୫, ଗାଲେରୀର ୧୬, ବଦକୋଦଣ୍ଡାର ୧୦, ବେଲଗୁଣ୍ଠାର ୩୪, ମୁଜାଗଡ଼ର ୨୮ ମୋଟ୍ ୨୫୧ ପ୍ରକଳ୍ପ ସ୍ଥାନ ପାଇଥିଲା। ୧୧ ଶିଶୁମନ୍ଦିରର ଆଚାର୍ଯ୍ୟଙ୍କ ସହ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରକଳ୍ପ ସହ ଯୋଗଦେଇଥିଲେ। ନିରୀକ୍ଷକ ଭାବେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ରାମଚନ୍ଦ୍ର ବାହିନୀପତି, ସୁରେଶ ବଳିୟାରସିଂ, ରଞ୍ଜନ କୁମାର ଗଉଡ଼, କାହ୍ନୁଚରଣ ପ୍ରଧାନ, ସୁନୀଲ କୁମାର ସାହୁ, ଶୁଭଶ୍ରୀ ପାଢ଼ୀ, ପ୍ରଦୀପ କୁମାର ସାହୁ, ଅଳକା ପ୍ରଧାନ ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ରଥ, ବିଜ୍ଞାନ ପ୍ରମୁଖ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ଗୁରୁ ପ୍ରସନ୍ନ ପଟ୍ଟନାୟକ ପରିଚାଳନା କରିଥିଲେ। ଅତିଥି ଭାବେ ଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା, ଶିଶିର କାନ୍ତ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।

## ହବାକ୍ ହାଇସ୍କୁଲରେ ଶିକ୍ଷକ ଅଭିଭାବକ ସମ୍ମିଳନୀ

ଜି.ଉଦୟଗିରି ୧୨।୮( ଶିଶିର ପଟ୍ଟନାୟକ):

ସ୍ଥାନୀୟ ହବାକ ହାଇସ୍କୁଲ ସଭାଗୃହରେ ଶନିବାର ଶିକ୍ଷକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ର ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଛାତ୍ର ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ଶିକ୍ଷାନୁଷ୍ଠାନ ତରଫରୁ ସୁମିତାରାଣୀ ଯୋସିରା, ଭାରତୀ ସାହୁ, ଗୀତାଞ୍ଜଳି ପ୍ରଧାନ, ମମତା ରାଣୀ ରାଉତ, ଅଭିଭାବକ ଦୁର୍ଗା ମାଧବ ପଟ୍ଟନାୟକଙ୍କ ସମେତ ନିକିତା ପ୍ରଧାନ, ସୁମନ୍ତି ପ୍ରଧାନ, ଭାରତୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

**ଏସ୍.ଇ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ. ଏବଂ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: (୧) ସିକେପି-ଡି-୬୦୯-ଏସ୍‌ଏଆଇଏଲ-ଆରଓଏକ୍ସୱାଇ, ତାରିଖ: ୧୧।୦୮।୨୦୨୩**; ଚକ୍ରଧରପୁର ଡିଭିଜନରେ ଆରଓଏକ୍ସୱାଇର ଉଭୟ ଲାଇନ୍‌ରେ ପୂର୍ଣ୍ଣ ରେକ୍ ଲୋଡିଂକୁ ସୁବିଧାଜନକ କରିବା ପାଇଁ ଲାଇନ୍ ନଂ. ୪ ଓ ୬ର ସଂଶୋଧନ କାର୍ଯ୍ୟ ସଂକ୍ରାନ୍ତରେ ଓଏଚ୍‌ଇ ଏବଂ ପିଏସ୍‌ଆଇ କାର୍ଯ୍ୟ ଏବଂ ଦ.ପୂ. ରେଳପଥର ୨୫ ଟି ଏକ୍ସିଲ୍ ଲୋଡ୍ ପାଇଁ ଉପଯୁକ୍ତ ସାଇଡିଂ ଟ୍ରାକ୍‌ର ଉନ୍ନତୀକରଣ; ₹୧,୪୧,୦୧,୧୩୭.୮୫; ₹୨,୨୦,୫୦୦/- । **(୨) ସିକେପି-ଡି-୬୧୪-ଷ୍ଟକ୍-ବଣ୍ଡ, ତାରିଖ: ୧୧।୦୮।୨୦୨୩**; ଚକ୍ରଧରପୁର ଡିଭିଜନରେ ଏଫଓବି/ଆରଓବି/ପ୍ଲାଟଫର୍ମ ଶେଲ୍ଟର ଏବଂ ଟିଆରଡି ମାଷ୍ଟ ଇତ୍ୟାଦିରେ ଷ୍ଟକ୍ଚର ବଣ୍ଡର ବ୍ୟବସ୍ଥା; ₹୩୮,୫୭,୭୧୫/-; ₹୭୭,୨୦୦/- । **(୩) ସିକେପି-ଡି-୬୪୧-ଭିଇଏଚ୍-ଏଡିଇଇ-ବିଏନଡିଏମ୍, ତାରିଖ: ୧୧।୦୮।୨୦୨୩**; ଏଡିଇଇ/ଟିଆରଡି/ବଣ୍ଡମୁଣ୍ଡାଙ୍କ ପାଇଁ ଡିଜେଲଚାଳିତ ଅଣ-ଏସି ଚାରିଚକିଆ ସଡ଼କ ଗାଡ଼ି (ମହିନ୍ଦ୍ରା ସ୍କର୍ପିଓ କିମ୍ବା ସମାନଧରଣର) ଭଡ଼ା ସୂତ୍ରରେ ନେବା; ₹୧୦,୭୦,୦୬୯.୨୮; ₹୨୧,୪୦୦/- । **ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୦୯ ମାସ, କ୍ର.ସଂ. ୨ ପାଇଁ ୦୬ ମାସ ଏବଂ କ୍ର.ସଂ. ୩ ପାଇଁ ୨୪ ମାସ। **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୦୫।୦୯।୨୦୨୩ରିଖ ୧୫.୦୦ ଘଟିକା। **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୦୫।୦୯।୨୦୨୩ରିଖ ୧୫.୩୦ ଘଟିକା। **ଇ-ଟେଣ୍ଡର ଖୋଲାଯିବାର ସ୍ଥାନ:** ପ୍ରତ୍ୟେକ ପାଇଁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଦ.ପୂ. ରେଳପଥ। ଇ-ଟେଣ୍ଡର **http://www.ireps.gov.in** ୱେବ୍‌ସାଇଟ୍‌ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। **(PR-503)**

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/23-24/E-Tender/61 ତା.04.08.2023ରିଖ

(1) ଟେଣ୍ଡର ସଂ. e-TenderSouthKUR-174-2023, ତା.02.08.2023ରିଖ

**ବିବରଣୀ :** ଅମୃତ ଭାରତ ଯୋଜନା ସମ୍ବନ୍ଧୀୟ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ) ଅଧୀନସ୍ଥ ଛତ୍ରପୁର ଠାରେ 17 bays ପ୍ଲାଟଫର୍ମ ସେଲ୍ଟର, ଇଚ୍ଛାପୁରମ୍ ଠାରେ 20 bays ପ୍ଲାଟଫର୍ମ ସେଲ୍ଟର, ପଲାସା ଠାରେ 24 bays ପ୍ଲାଟଫର୍ମ ସେଲ୍ଟର ଏବଂ ବାଲୁଗାଁ ରେଳ ଷ୍ଟେସନଠାରେ 32 bays ପ୍ଲାଟଫର୍ମ ସେଲ୍ଟରର ପ୍ରସ୍ତାବିତ ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 1569.81 ଲକ୍ଷ, EMD (₹) : 9,34,900.00 ।

(2) ଟେଣ୍ଡର ସଂ. e-TenderSouthKUR-175-2023, ତା.02.08.2023ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (P.Way) / ବ୍ରହ୍ମପୁର ଅଧୀନସ୍ଥ ଗଞ୍ଜାମ-ଝାଡୁପୁଡ଼ି ମଧ୍ୟରେ କି.ମି.572.13 ଠାରୁ କି.ମି.631.20 ପର୍ଯ୍ୟନ୍ତ 30.09.2024 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 177.87 ଲକ୍ଷ, EMD (₹) : 2,38,900.00 ।

(3) ଟେଣ୍ଡର ସଂ. e-TenderSouthKUR-176-2023, ତା.02.08.2023ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (P.Way) / ସୋମପେଟା ଅଧୀନସ୍ଥ ଇଚ୍ଛାପୁରମ୍-ପଲାସା ଷ୍ଟେସନ ମଧ୍ୟରେ କି.ମି.631.20 ଠାରୁ କି.ମି.678.33 ପର୍ଯ୍ୟନ୍ତ 30.09.2024 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 166.25 ଲକ୍ଷ, EMD (₹) : 2,33,100.00 ।

ଶେଷ ହେବା ଅବଧି : 06 (ଛଅ) ମାସ (କ୍ର. ସଂ. 1 ନିମନ୍ତେ), 12 (ବାର) ମାସ (କ୍ର. ସଂ. 2 ଏବଂ 3 ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ):** ତା.23.08.2023ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-439/O/23-24

**LAJPAT RAI LAW COLLEGE**
(University College of Law)
Sambalpur - 768001 (Odisha)
Tele Fax No.: 0663-2533121, E-Mail Id: principallrlcsbp@gmail.com
No. 265/LC Date: 12.08.2023

**LAJPAT RAI LAW COLLEGE, SAMBALPUR**
**ADMISSION NOTIFICATION 2023-24**

Few seats are lying vacant for admission into 3 Yr. LL.B (ST, PH & Ex-Serviceman) and 5 Yr. BBA, LL.B(H) (all category) course for which application forms are available in college counter and in Sambalpur University website "www.suniv.ac.in" from 14.08.2023 to 22.08.2023.

(Dr. Bijayananda Behera)
PRINCIPAL

**ସଦ୍‌ଗୁରୁ ହସ୍ପିଟାଲ**
ଜଗତପୁର, କଟକ, ଓଡ଼ିଶା, ପିନ୍ - ୭୫୪୦୨୧

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଛି ଯେ, ମେଡ଼ିକାଲ ରେକର୍ଡ଼ ରୁଲ୍ ଅନୁସାରେ, ସଦ୍‌ଗୁରୁ ହସ୍ପିଟାଲ, ଜଗତପୁର, କଟକ, ଓଡ଼ିଶା, ପିନ୍ - ୭୫୪୦୨୧ରେ ଗତ ଜାନୁୟାରୀ ୨୦୧୧ ମସିହାଠାରୁ ୩୧ ଡିସେମ୍ବର ୨୦୧୭ ମଧ୍ୟରେ ଚିକିତ୍ସିତ ହୋଇଥିବା ରୋଗୀ (ବହିର୍ବିଭାଗ ଓ ଅନ୍ତଃବିଭାଗ)ମାନଙ୍କର ଚିକିତ୍ସା ସମ୍ପର୍କିତ ଫାଇଲ ଆସନ୍ତା ତା୩୦।୦୯।୨୦୨୩ରିଖ ଦିନ ନଷ୍ଟ କରାଯିବ। ଏହି ସମୟ ମଧ୍ୟରେ ଚିକିତ୍ସିତ ରୋଗୀ, ରୋଗୀଙ୍କ ସମ୍ପର୍କୀୟ, କୌଣସି ବ୍ୟକ୍ତି କିମ୍ବା କୌଣସି ଅନୁଷ୍ଠାନ ଫାଇଲ ସମ୍ବନ୍ଧରେ କିଛି ଆପତ୍ତି, ଅଭିଯୋଗ, ଅନୁସନ୍ଧାନ ଥାଏ, ତାହାହେଲେ ସେମାନେ ସଦ୍‌ଗୁରୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିପାରିବେ। ଧାର୍ଯ୍ୟ ତାରିଖ ଅର୍ଥାତ୍ ତା୩୦।୦୯।୨୦୨୩ରିଖ ପରେ ଉପରୋକ୍ତ ଫାଇଲ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ଯୋଗାଯୋଗ: ୦୬୭୧-୨୪୯୬୨୬/୭୨୦୫୦୯୬୦୧୧
ଇ-ମେଲ୍: mail@sadgurumedical.com

**BHUBANESWAR DEVELOPMENT AUTHORITY**
AKASH SHOVA BUILDING
SACHIVALAYA MARG, BHUBANESWAR-751001
Visit us at : http://www.bda.gov.in
No.CAD-1675

**INVITATIONS FOR BIDS (IFB)**

Bid Identification No. 924/EM/BDA/2023-24 Dated 11.08.2023

Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in double cover system in ONLINE MODE from eligible electrical contractors for the works as mentioned below:

| | | | |
|---|---|---|---|
| 1 | Total No. of electrical works: | : | 01 (One) No. |
| 2 | Estimated cost | : | Rs.80.21 lakh |
| 3 | Class of contractor | : | "HT class & above" |
| 4 | Period of completion | : | 02 (Two) calendar months |
| 5 | Cost of bid document for each work | : | Rs.10,000.00 + 18% GST= Rs.11,800.00 |
| 6 | Earnest Money Deposit (EMD) | : | 1% of estimated cost put to tender |
| 7 | Availability of tender | : | From 14.08.2023 to 5.00 P.M. of 28.08.2023 in the e-procurement website |
| 8 | Date of time of opening of tender | : | Dt.01.09.2023 at 11.30 A.M. |
| 9 | Place of opening of tender | : | O/o Engineer Member, BDA |

Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can be seen in the said website only.

Sd./- Engineer Member
BDA, Bhubaneswar
OIPR-13033/11/0241/2324

अतुल्य ! भारत Incredible !ndia
NCHMCT
Ministry of Tourism, Government of India

**NATIONAL COUNCIL FOR HOTEL MANAGEMENT AND CATERING TECHNOLOGY**
(Under Ministry of Tourism, Government of India)

**IHMs under NCHMCT ranked top in India and world rank 13th by CEO World (USA) for the year 2022**

**3 year B.Sc.(Hospitality and Hotel Administration)**
is the most demanded by the Industry and most prestigious program running by the IHMs under NCHMCT, recognised by Jawaharlal Nehru University New Delhi.

**Missed the opportunity to apply for or to attend NCHM JEE 2023 conducted by NTA ??**

**Don't worry!**
There is a golden opportunity to get direct admission in hospitality and get JNU Degree to make your career

**Ample job opportunities for IHM Graduates- including**
- Hospitality and Hotel Industry
- Tourism Industry
- Aviation Industry
- Kitchen Management
- Facility management
- Government sector including Defense sector
- Entrepreneurship
- And many more

**Rush.... Door open for you at**
IHM Bhubaneswar
www.ihmbbs.org
+(91) 9800366990, 0674-2581241

Contact the institute in person
All Central and State scholarships available to this program
Opportunity never comes again and again ! -grab it
Toll Free No. 18001803151 | Helpline Number 0120-2590608, 91-7394091765
Website: www.nchm.gov.in

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE CHIEF CONSTRUCTION ENGINEER
LOWER INDRA IRRIGATION PROJECT, KHARIAR
e-Procurement Notice No.CCELIIP-02/2023-24, Dt.10.08.2023
e-mail address: celiipnuapada2016@gmail.com

No.A-427:- 1. Type / Nature of work: Civil / Raod Works. 2. Total No. of works: 09 (Nine) Nos. 3. Approx. value of works: Rs.175.99 Lakhs to 432.08 Lakhs (Excluding GST). 4. Period of completion: 6 (Six) calendar months. 5. Classification of bidders: 'B' & 'A' Class Contractor only.

Other details as follows:

| Procurement Officer | e-Procurement Notice No. | Availability & submission of bids in online | | Date & time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Chief Construction Engineer, Lower Indra Irrigation Project, Khariar, Dist.- Nuapada, Odisha | CCELIIP-02/2023-24 | 18.08.2023 from 10.00 A.M. | 07.09.2023 upto 5.00 P.M. | 08.09.2023 at 11.00 A.M. |

N.B.: Further details can be seen from the e-procurement portal http://www.tendersodisha.gov.in. Any addendum / corrigendum / cancellation to the above notice will be published in the Govt. website www.tendersodisha.gov.in

Sd./- Er. Jugal Kishore Khatua, Chief Construction Engineer, Lower Indra Irrigation Project, Khariar, Dist.- Nuapada
OIPR-32366/11/0001/2324

**Office of the Chief Engineer & Basin Manager**
**Rushikulya Bahuda Vansadhara Nagavali Basin,**
**Brahmapur - 760004**
e-mail: ce_rvn@yahoo.co.in
No.A-429:-

**e-Procurement Notice No.- CE & BM, RBVN-03 / 2023-24**

1. Type of work: Canal Improvement Work. 2. Total No. of works: 01 (One) No. 3. Amount put to tender: Rs.1360.57 Lakh. 4. Period of completion: 12 (Twelve) calendar months

| Procurement Officer | Bid Identificatin No. | Bid Amount (Rs. in lakh) | Availability & Submission of bid online |
|---|---|---|---|
| Chief Engineer & Basin Manager, RBVN Basin, Berhampur, Ganjam | CE & BM, RBVN (HID)-01/2023-24 | 1360.57 | From 17.08.2023, 10.00 A.M. to 01.09.2023, 5.00 P.M. |

Date of opening of the Technical Bid 02.09.2023 at 11.30 A.M.
Further detail can be seen from the Govt. website www.tendersodisha.gov.in

Sd./- Chief Engineer & Basin Manager
RBVN Basin, Berhampur
OIPR-32072/11/0003/2324

## ସଂକ୍ଷେପରେ

### ୫ ସ୍କୁଲରୁ ୩ ଲ୍ୟାପ୍‌ଟପ୍ ଚୋରି

ପୋଲସରା,୧୨।୮(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ଚିରିକିପଡ଼ା ଶାସନ ଉଚ୍ଚ ବିଦ୍ୟାଳୟରୁ ଗତ ରାତ୍ରରେ କେତେଜଣ ଦୁର୍ବୃତ୍ତ ୫ଟି ସ୍କୁଲରୁ ସିସିଟିଭି କେବୁଲ ତାର କାଟିବା ସହ ୩ଟି ଲ୍ୟାପଟପ୍ ଚୋରି କରିଥିବା ଅଭିଯୋଗ ହୋଇଛି। ସେହିପରି ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ସ୍କୁଲ ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହୋଇଥିଲ। କିନ୍ତୁ ପୋଲିସ ଚୋରକୁ ଧରିବାରେ ବିଫଳ ହୋଇଛି। ଉକ୍ତ ଘଟଣାକୁ ନେଇ ନଂ.୪୭୪/୨୩ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚାଲୁଥିବା ଥାନା ଅଧିକାରୀ ଜୀତେନ୍ଦ୍ର କୁମାର ମଲ୍ଲିକ କହିଛନ୍ତି।

### ଅନ୍ତର୍ଜାତୀୟ ଯୁବ ଦିବସ

ପୋଲସରା,୧୨।୮
(ସୁବ୍ରତ ବେହେରା)

ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ୨(ଠ) ବାଳିକା ବାଟାଲିୟନ ରାୟଗଡ଼ା ତରଫରୁ ଏକ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏଥିରେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ଅଧକ୍ଷ ବନମାଳୀ ବେହେରା ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ନେଇ ପ୍ରଥମେ ଏକ ଓଡ଼ିଆ ରଚନା ଏବଂ ପରେ ଚିତ୍ରାଙ୍କନ ପ୍ରତିଯୋଗିତା ମଧ ହୋଇଥିଲା। ଏହାପରେ ଲେଫ୍ଟନାଣ୍ଟ ବିନତା କୁମାରୀ ଦାସ, ବାଲ୍ ରାଜୁ ପାତ୍ର ଏବଂ ରୁଦ୍ର ପ୍ରସାଦ ଗୌଡ଼ ଏଥିରେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହିତ ଶପଥ ପାଠ କରି ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଛନ୍ତି।

### ଟ୍ରାକ୍ଟର ଓଲଟି ଯୁବକ ମୃତ

ରାଇକିଆ,୧୨।୮(ପ୍ରଦୀପ ବେହେରା)

ରାଇକିଆ ଥାନା ଗୁଜାପାଙ୍ଗା ଗ୍ରାମରେ ଶନିବାର ସକାଳୁ ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଡାଗୁବା ଗ୍ରାମରେ ଅଟଳ ଦିଗାଲ। ଚାଷ କାର୍ଯ୍ୟ ପାଇଁ ଗୁଜାପାଙ୍ଗା ଯିବା ସମୟରେ ଏକ ଗାତକୁ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ଖସିପଡ଼ିଥିଲା। ଟ୍ରାକ୍ଟର ତଳେ ଅଟଳ ଚାପି ହୋଇଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ରାଇକିଆ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ନଂ. ୮୮/୨୩ରେ ମାମଲା ରୁଜୁ କରିଛି।

### ନୂତନ ଶ୍ରେଣୀଗୃହ ଭିତ୍ତି ପ୍ରସ୍ତର ସ୍ଥାପନ

କବିସୂର୍ଯ୍ୟନଗର, (କୃପାସିନ୍ଧୁ ସ୍ୱାଇଁ)୧୨।୮

କବିସୂର୍ଯ୍ୟନଗର ବ୍ଲକ ହିଣ୍ଡଳ ଗ୍ରାମ ବ୍ରାହ୍ମଣୀ ଦେବୀ ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ ସଂଖ୍ୟାଦୃଷ୍ଟିରୁ ଶ୍ରେଣୀଗୃହ ଆବଶ୍ୟକ ରହିଥିଲା। ଏ ନେଇ ବହୁଦିନରୁ ଦାବି ହୋଇ ଆସୁଥିଲା। ଉକ୍ତ ଦାବିକୁ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ନିଜ ବିଧାୟିକା ପାଣ୍ଠିରୁ ଶ୍ରେଣୀଗୃହ ନିର୍ମାଣ ପାଇଁ ୭ ଲକ୍ଷ ମଞ୍ଜୁର କରିଛନ୍ତି। ଶନିବାର ପୂର୍ବାହ୍ନରେ ଆସିକା ନିର୍ବାଚନମଣ୍ଡଳୀ ଅଧୀନ କବିସୂର୍ଯ୍ୟନଗର ବ୍ଲକ ହିଣ୍ଡଳ ଗ୍ରାମ ବ୍ରାହ୍ମଣୀ ଦେବୀ ହାଇସ୍କୁଲଠାରେ ବିଧାୟିକା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମସ୍ତ ହାଇସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ, ଜନପ୍ରତିନିଧି, ଏସ୍‌ଏଚ୍‌ଜି ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲା ଯୁବ ବିଜେଡି ଜୋନ୍ ସଭାପତି ନଚିକେତା ସ୍ୱାଇଁ ଉପସ୍ଥିତ ଥିଲେ।

### ସାମର୍ଥ୍ୟ ତାଲିମ ଶିବିର ଉଦ୍‌ଯାପିତ

ଶେରଗଡ,୧୨।୮(ସୂର୍ଯ୍ୟନାରାଣ ଦାଶ)

ଶେରଗଡ ବ୍ଲକ ନାଥେଶ୍ୱର ଉଚ୍ଚ ବିଦ୍ୟାଳୟରେ ଗତ ୧୦ ତାରିଖରୁ ଚାଲିଥିବା ସାମର୍ଥ୍ୟ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଭିନ୍ନକ୍ଷମ ଛାତ୍ରୀଛାତ୍ର ଚିହ୍ନଟ, ଶାରୀରିକ ମାନସିକ ବାଧିତ ପିଲାଙ୍କ ଚିହ୍ନଟ, ସମସ୍ୟା ସମ୍ପର୍କରେ ଜାଣିବା ଓ ଆଶୁ ସମସ୍ୟାର ସମାଧାନ ଉପରେ ତାଲିମ ପ୍ରଦାନ କରାଯାଇଛି। ସମ୍ବଳ ଶିକ୍ଷକ ଭାବେ ଅନନ୍ତ ରାମ ଆଚାର, ସୁଶାନ୍ତ କୁମାର ପ୍ରଧାନ, ଜଗନ୍ନାଥ ପାଢ଼ୀ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଉକ୍ତ ଶିବିରକୁ ଅତିଥି ଭାବେ ଏବିଇଓ ଶୈରନ୍ଧ୍ରୀ ଦଳେଇ ଶୁଭାରମ୍ଭ କରିଥିବା ବେଳେ ଗୋଷ୍ଠୀ ସମ୍ବଳ ଶିକ୍ଷକ ମାଗତା ପଣ୍ଡା ସଂଯୋଜନା କରିଥିଲେ। ୧୦୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମରେ ଅଂଶଗ୍ରହଣ କରିଥିଲେ।

# କନ୍ଧମାଳ ମହୋତ୍ସବକୁ ନେଇ ଦ୍ୱନ୍ଦ୍ୱରେ ଜିଲାବାସୀ

ଫୁଲବାଣୀ, ୧୨।୮(ରାକେଶ କୁମାର ରାଉତ)

କନ୍ଧମାଳ ମହୋତ୍ସବ ନାଁକୁ ନେଇ ଏବେ ଜିଲାରେ ଜୋରଦାର ଚର୍ଚ୍ଚା। ଜିଲା ଉତ୍ସବ ଭାବେ ପରିଚିତ କନ୍ଧମାଳ ମହୋତ୍ସବ ନାଁରେ ଏବେ ଆଉ ଗୋଟିଏ ସଙ୍ଗଠନ ଏହି ଉତ୍ସବ କରିବାକୁ ଯାଉଛି। ୧୩ ତାରିଖରୁ କନ୍ଧମାଳ ମହୋତ୍ସବ ହେବାକୁ ଯାଉଛି ବୋଲି କାର୍ଡ ଛପାଯାଇ ଅତିଥି ଏବଂ ଜିଲାର କେତେଜଣ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ବଣ୍ଟାଯାଉଛି। ହେଲେ ଜିଲାବାସୀ ଏହି ଉତ୍ସବକୁ ନେଇ ଏବେ ଦ୍ୱନ୍ଦ୍ୱରେ ପଡିଛନ୍ତି। କାରଣ ଜିଲା ଉତ୍ସବ ନାଁକୁ ଅନ୍ୟ ଏକ ସଂଗଠନ ବ୍ୟବହାର କରୁଛି। ଏଥିରେ କ'ଣ ଉଦ୍ଦେଶ୍ୟ ରହିଛି ତାହାକୁ ନେଇ ଜିଲାରେ ଆଲୋଚନା ଜୋର ଧରିଛି। ଜିଲା ପ୍ରଶାସନ କାହିଁକି ଏଥିରେ ହସ୍ତକ୍ଷେପ କରୁନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ସାର୍ବଜୀନନ ଭାବେ ଶୀତ ଋତୁରେ ଜିଲା ପ୍ରଶାସନ ପକ୍ଷରୁ କନ୍ଧମାଳ ମହୋତ୍ସବ



ଛପା ଯାଇଥିବା କାର୍ଡ।

ଅନୁଷ୍ଠିତ ହୋଇଆସୁଛି। ଗତ ଜାନୁୟାରୀ ୨୫ରେ କନ୍ଧମାଳ ଷ୍ଟାଡିୟମରେ କନ୍ଧମାଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନ ଏହାକୁ ଆୟୋଜନ କରିଥିଲା। ଏବେ ଅନନ୍ୟା ନାମକ ଏକ ଅନୁଷ୍ଠାନ କନ୍ଧମାଳ ମହୋତ୍ସବ କରିବାକୁ ଯାଉଛି। ଫୁଲବାଣୀ ବିଜୁ କଲ୍ୟାଣ ମଣ୍ଡପରେ ଏହା ଅନୁଷ୍ଠିତ ହେବ। ଏକ ଛୋଟ ସ୍ଥାନରେ ଜିଲା ଉତ୍ସବ ନାମ ନେଇ ଏହି କାର୍ଯ୍ୟକ୍ରମ କରିବା ପଛରେ ଯେ ରାଜନୈତିକ ଉଦ୍ଦେଶ୍ୟ ରହିଛି ତାହା ସ୍ପଷ୍ଟ ଜଣାପଡିଛି। ଏହି ଉତ୍ସବ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଜାଦୀ କି ଅମୃତ ମହୋତ୍ସବ ଅବସରରେ ଏହି କାର୍ଯ୍ୟକ୍ରମ କରାଯାଉଥିବା ଆୟୋଜକ ଅନନ୍ୟା ପକ୍ଷରୁ କାର୍ଡ ବଣ୍ଟନ କରାଯାଉଛି। କନ୍ଧମାଳ ମହୋତ୍ସବ ପ୍ରକୃତରେ କାହାର ତାହାକୁ ଜିଲା ପ୍ରଶାସନ ସ୍ପଷ୍ଟ କରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ପଚାରିବାରେ ମୁଁ ଏ ବିଷୟରେ କଥା ହେଉଛି ବୋଲି କହିଛନ୍ତି। ସେହିପରି ଅନନ୍ୟାର ପ୍ରତିଷ୍ଠାତା ତଥା କାର୍ଯ୍ୟକାରୀ ସମ୍ପାଦକ ସୁକାନ୍ତ କୁମାର ପାଣିଗ୍ରାହୀ କହିଛନ୍ତି, ଆଜାଦୀ କା ଅମୃତ ମହୋତ୍ସବ ପାଇଁ ଏହି କାର୍ଯ୍ୟକ୍ରମ ହେଉଛି। ଅନ୍ୟ ଜିଲାରେ ମଧ ଜିଲା ଉତ୍ସବ ନାଁରେ ଏହି କାର୍ଯ୍ୟକ୍ରମ ହେଉଛି। ସରକାରଙ୍କୁ ଆମେ କାର୍ଯ୍ୟକ୍ରମ ନାଁ ଦେଇଥିଲୁ। ସେହି ଅନୁସାରେ ହେଉଛି ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ପ୍ରଶାସନ ପକ୍ଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ଯେ, ଗୋଟିଏ ଏନଜିଓ କନ୍ଧମାଳ ଜିଲାରେ ଆଜାଦୀ କା ଅମୃତ ମହୋତ୍ସବ, କନ୍ଧମାଳ ମହୋତ୍ସବ ନାଁରେ ପାଳନ କରିବାକୁ ଯାଉଛି। ଏଥିରେ ଜିଲା ପ୍ରଶାସନର କୌଣସି ସମ୍ପୃକ୍ତି ନାହିଁ। ଜିଲା ପ୍ରଶାସନ ପକ୍ଷରୁ ୨୦୨୩ କନ୍ଧମାଳ ମହୋତ୍ସବ ପୂର୍ବରୁ ପାଳନ ହୋଇସାରିଛି।

# ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଆନ୍ଦୋଳନ ପ୍ରସ୍ତୁତି

## ୧୬ରୁ ସ୍କୁଲରେ ତାଲା ଝୁଲିବା ଆଶଙ୍କା



ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା।

ଭଞ୍ଜନଗର,୧୨।୮(ବାବୁଲା ପ୍ରଧାନ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନକ୍ରମେ ଆସନ୍ତା ୧୬ ତାରିଖରୁ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟର ସମସ୍ତ ବର୍ଗର ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇବେ। କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ଠିକା ନିଯୁକ୍ତ ୬ବର୍ଷକୁ ନିୟମିତ ଚାକିରି ସହ ଯୋଡ଼ିବା ଏବଂ ପୁରୁଣା ପେନସନ ନୀତି ଲାଗୁ କରିବା, ଏକ୍ସ କ୍ୟାଡ଼ର ଉଚ୍ଛେଦ ଏବଂ ଅନ୍ୟ ବର୍ଗର ଶିକ୍ଷକମାନଙ୍କୁ ଗ୍ରେଡ଼େସନଭୁକ୍ତ କରି ନିୟମିତ ଶିକ୍ଷକର ମାନ୍ୟତା ଦେବା ଦାବି ନେଇ ଶିକ୍ଷକମାନେ ସମୁହ ଛୁଟିରେ ଯିବେ। ଆନ୍ଦୋଳନ କିଭଳି ସଫଳ ହେବ ସେଥିପାଇଁ ଶନିବାର ଅପରାହ୍ନରେ ଭଞ୍ଜନଗରରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। ଏଥିରେ ଅଲଓଷ୍ଟା ରାଜ୍ୟ ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ବରିଷ୍ଠ ଶିକ୍ଷକ ନେତା ଅମର ବିଳାସ ବେହେରା, ତ୍ରିନାଥ ପଟ୍ଟନାୟକ, ରାଜେଶ ପ୍ରଧାନ, ମିଳିତ ଶିକ୍ଷକ ସଂଘ ଭଞ୍ଜନଗର ବ୍ଲକ ସଭାପତି ସଞ୍ଜୟ ପ୍ରଧାନ, ଏକ୍ସ କ୍ୟାଡ଼ର ଶିକ୍ଷକ ସଂଘ ବ୍ଲକ ସଭାପତି ସୀମାଞ୍ଚଳ ପାତ୍ର, ମିଳିତ ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ ସମ୍ପାଦକ କାଳୀ ଚରଣ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆନ୍ଦୋଳନ କିଭଳି ସଫଳ ହେବ ସେ ସମ୍ପର୍କରେ କହିଥିଲେ। ଶିକ୍ଷକମାନେ ସମୁହ ଛୁଟିରେ ଯିବା ସହ ନିଜ ନିଜ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଦେବେ। ଭଞ୍ଜନଗର ବ୍ଲକର ୧୭୫ଟି ସ୍କୁଲର ଶିକ୍ଷକମାନେ ମଧ୍ୟ ଉକ୍ତ ଆନ୍ଦୋଳନରେ ସାମିଲ ହେବାପାଇଁ ବୈଠକରେ ନିଷ୍ପତି ନେଇଛନ୍ତି।

# ଦିଲ୍ଲୀ ସ୍ୱାଧୀନତା ଦିବସ ସମାରୋହରେ ଯୋଗଦେବେ ମତ୍ସ୍ୟଜୀବୀ ଦମ୍ପତି

ଛତ୍ରପୁର,୧୨।୮(ସନ୍ତୋଷ ପାଢ଼ୀ)

ଦିଲ୍ଲୀରେ ହେବାକୁ ଥିବା ସ୍ୱାଧୀନତା ଦିବସ ସମାରୋହରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବା ପାଇଁ ଗଞ୍ଜାମ ଜିଲାର ମତ୍ସ୍ୟଜୀବୀ ଦମ୍ପତିଙ୍କୁ ନିମନ୍ତ୍ରଣ ଆସିଛି। ଏହି ଦମ୍ପତି ହେଲେ ଛତ୍ରପୁର ବ୍ଲକ ଅନ୍ତର୍ଗତ ସାନ ଆର୍ଯ୍ୟପଲ୍ଲୀ ଗ୍ରାମର ତଥା ଓଡିଶା ପାରମ୍ପରିକ ମତ୍ସ୍ୟ କର୍ମୀ ୟୁନିୟନର ସାଧାରଣ ସମ୍ପାଦକ ଏବଂ ଭାରତୀୟ ଜାତୀୟ ମତ୍ସ୍ୟଜୀବୀ ମଞ୍ଚର ଉପସଭାପତି କେ. ଏଲେୟା ଓ ତାଙ୍କ ସ୍ତ୍ରୀ ତଥା ଗଞ୍ଜାମ ଜିଲା ମତ୍ସ୍ୟକନ୍ୟା ମହିଳା ସଂଘର ସଦସ୍ୟା କେ. ସରସ୍ୱତୀ। ନିମନ୍ତ୍ରଣ ମିଳିଥିବାରୁ ଦମ୍ପତି ଖୁସି ଜାହିର କରିଛନ୍ତି। ଆସନ୍ତା ୧୪ ତାରିଖରେ ସେମାନେ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ ବୋଲି ମତ୍ସ୍ୟଜୀବୀ ନେତା କେ. ଏଲେୟା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କେ. ଏଲେୟା ଦୀର୍ଘ


କେ. ଏଲେୟା


କେ. ସରସ୍ୱତୀ

ବର୍ଷ ଧରି ମତ୍ସ୍ୟଜୀବୀମାନଙ୍କ ସୁବିଧା ନିମନ୍ତେ ବିଭିନ୍ନ କାର୍ଯ୍ୟ କରି ଆସୁଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପତ୍ତି ଯୋଜନା ଏବଂ ନୀଳକ୍ରାନ୍ତି ଯୋଜନାକୁ ସଫଳ ରୂପାୟନ ଦେବା ନିମନ୍ତେ ଗାଁ ଗାଁ ବୁଲି ମତ୍ସ୍ୟଜୀବୀମାନଙ୍କୁ ସଚେତନ କରୁଛନ୍ତି। କେ. ସରସ୍ୱତୀ ୨୦୧୪, ୨୦୧୫ ଓ ୨୦୧୬ରେ ମତ୍ସ୍ୟଜୀବୀ ମାନଙ୍କ ନିମନ୍ତେ କାର୍ଯ୍ୟକାରୀ ହୋଇଥିବା ଆଇସିଜେଡଏମ ପ୍ରକଳ୍ପରେ ସାମିଲ ହୋଇ ମତ୍ସ୍ୟଜୀବୀମାନଙ୍କ ବିଭିନ୍ନ ସୁବିଧା ନିମନ୍ତେ କାର୍ଯ୍ୟ କରିଥିଲେ। ଆସନ୍ତା ୧୫ ତାରିଖରେ ଲାଲକିଲ୍ଲାଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ଉଦବୋଧନ ବେଳେ ସ୍ୱତନ୍ତ୍ର ଅତିଥି ମତ୍ସ୍ୟଜୀବୀ ଦମ୍ପତିଙ୍କୁ ଦେଖିବାକୁ ମିଳିବ।

## ଭାଜପାର ଅମୃତ ମହୋତ୍ସବ ସମାପନ କାର୍ଯ୍ୟକ୍ରମ

ଜି.ଉଦୟଗିରି,୧୨।୮(ଶିଶିର ପଟ୍ଟନାୟକ)

ଜି. ଉଦୟଗିରି ଭାଜପା ତରଫରୁ ଶୁକ୍ରବାର ସ୍ୱାଧୀନତାର ଅମୃତ ମହୋତ୍ସବର ୨୦୨୩ ସମାପନ କାର୍ଯ୍ୟକ୍ରମରେ 'ମୋ ମାଟି ମୋ ଦେଶ' ଅଭିଯାନ କାର୍ଯ୍ୟକ୍ରମ ସଫଳ ପାଇଁ ଜି. ଉଦୟଗିରି ଗ୍ରାମୀଣ ମଣ୍ଡଳ ଓ ନଗର ମଣ୍ଡଳରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୋ ଦେଶ ମୋ ମାଟି ଜିଲା ସଂଯୋଜକ ମାନଗୋବିନ୍ଦ ପ୍ରଧାନଙ୍କ ନେତୃତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଜି. ଉଦୟଗିରି ଗ୍ରାମୀଣ ମଣ୍ଡଳ ସଭାପତି ମାୟା ବନ୍ଧୁ ପ୍ରଧାନ, ନଗର ସଭାପତି ଉଦେଶନ ପ୍ରଧାନ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସମ୍ପାଦକ ବସନ୍ତ ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ, ଜିଲା ସ୍ୱଚ୍ଛଭାରତ ମିଶନ ସଂଯୋଜକ ନବ କିଶୋର ପ୍ରଧାନଙ୍କ ସହିତ ନଗର ସମ୍ପାଦକ, ପ୍ରଶାନ୍ତ ବଗର୍ତ୍ତି, ଭେଙ୍କଟେଶ୍ୱର ବେହେରାଙ୍କ ସହିତ ଜି. ଉଦୟଗିରିର ସମସ୍ତ ପଞ୍ଚାୟତର ଭାଜପା କର୍ମୀ ଉପସ୍ଥିତ ଥିଲେ।

# ବିଜ୍ଞାନ, ଗଣିତ, କଳାକୃତି ମେଳା


ଛାତ୍ରୀଛାତ୍ରମାନେ ପ୍ରକଳ୍ପ ବିଷୟରେ ବୁଝାଉଛନ୍ତି।

ଆସିକା,୧୨।୮(ସୁରେନ୍ଦ୍ର ନାଥ ସାହୁ)

ଆସିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ଆସିକା ସଂକୁଳ ସ୍ତରୀୟ ବିଜ୍ଞାନ, ଗଣିତ ଓ କଳାକୃତି ମେଳା ଅନୁଷ୍ଠିତ ହୋଇଥିଲା। ମେଳାରେ ଆସିକା, କବିସୂର୍ଯ୍ୟନଗର, ହିଞ୍ଜିଳିକାଟୁ, କୁକୁଡାଖଣ୍ଡି, ମୁଣ୍ଡମରାଇ, ଶିକିରି, କଙ୍କୋରଡା ଓ ପୁରୁଷୋତ୍ତମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୭୫ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଆସିକା ଶିଶୁ ବିଦ୍ୟା ମନ୍ଦିରର ସମ୍ପାଦକ ପ୍ରସନ୍ନ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଡାକ୍ତର ସଚ୍ଚିଦାନନ୍ଦ ବିଷୋୟୀ ଓ ମୁଖ୍ୟବକ୍ତା ରୂପେ ଶିକ୍ଷା ବିକାଶ ସମିତି, ଗଞ୍ଜାମ ବିଭାଗ ସହ-ନିରୀକ୍ଷକ ପଦ୍ମନାଭ ସାମଲ ଏବଂ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଶରତ ଚନ୍ଦ୍ର ମୁନି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନରେ ୫୪ ଓ ଗଣିତରେ ୩୮ ଓ ମୃଣ୍ମୟ ମୂର୍ତ୍ତି କଳା ପ୍ରକଳ୍ପ ଆଧାରିତ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ପ୍ରକଳ୍ପ ମଧ୍ୟରେ ବାୟୁ ଚାପ, ପ୍ରାଥମିକ ଚିକିତ୍ସା, ଖାଦ୍ୟ ସଂରକ୍ଷଣ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ବିଷୟ ଆଧାରିତ ପ୍ରକଳ୍ପ ରହିଥିଲା। ପ୍ରଶ୍ନମଞ୍ଚ, ପ୍ରୟୋଗ ଓ ପ୍ରକଳ୍ପ ସାଙ୍ଗକୁ ପତ୍ରବାଚନ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା।

# ଘୁମୁସର ବନଖଣ୍ଡରେ ହସ୍ତୀ ଦିବସ

## ସମନ୍ୱୟ ରକ୍ଷାକରି ବନ୍ୟପ୍ରାଣୀ ସୁରକ୍ଷା କରିବାକୁ ଆହ୍ୱାନ

ଭଞ୍ଜନଗର,୧୨।୮(ବାବୁଲା ପ୍ରଧାନ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡ ପକ୍ଷରୁ ମିଳିତ ଭାବେ ଶନିବାର ସ୍ଥାନୀୟ ଲାଲସିଂ ନର୍ସରୀ ପରିସରରେ ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଯାଇଛି। ଏଥିରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସମନ୍ୱୟ ରକ୍ଷା କରି ବନ୍ୟପ୍ରାଣୀ ସୁରକ୍ଷା କରିବାକୁ କର୍ମଚାରୀ ଏବଂ ଭିଏସ୍‌ଏସ୍ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତିବାସ ବିଶ୍ୱାଳ, ଡ଼.ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ, ଏସିଏଫ୍ ବିକ୍ରମ ଦେବ ପଟ୍ଟନାୟକ, ପ୍ରଭାକର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସୁରକ୍ଷା ଉପରେ କହିଥିଲେ। ଏଥିସହ ଜଙ୍ଗଲ ନିକଟରେ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବସବାସ କରୁଥିବା ଲୋକଙ୍କ ଆର୍ଥିକ ମାନଦଣ୍ଡରେ କିଭଳି ଉନ୍ନତି ଆସିପାରିବ ସେଥିପାଇଁ ପଦକ୍ଷେପ ନିଆଯାଇଛି ବୋଲି ବକ୍ତାମାନେ କହିଥିଲେ। କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, ଗାଲେରୀ ରେଞ୍ଜର ଆଶାଲତା ଦିଗାଲ,ଭିଏସ୍‌ଏସ୍ କର୍ମକର୍ତ୍ତା ଲୋକନାଥ ଆଚାର୍ଯ୍ୟ, ତେଜସ୍ୱିନୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶିକା ଜ୍ୟୋତି ସିଂ ଚୁଡ଼ି ପ୍ରମୁଖ ଆଲୋଚନାରେ ଭାଗ ନେଇ ନିଜର ମତ ରଖିଥିଲେ। ଅବସରପ୍ରାପ୍ତ ରେଞ୍ଜର ଅନୁପମ ବାନାର୍ଜି ସଭା ସଂଯୋଜନା କରିଥିଲେ। ଏହି ଅବସରରେ ସେଣ୍ଟ ଆନ୍ସ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ହାତୀ ସୁରକ୍ଷା ଉପରେ ଅଙ୍କିତ ଏକ ବ୍ୟାନର ଡ଼ିଏଫଓଙ୍କୁ ପ୍ରଦାନ କରାଯାଇଥିଲା।

## ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ

ଆସିକା, ୧୨।୮ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଜ୍ଞାନ ମହାବିଦ୍ୟାଳୟ ଯୁବ ରେଡକ୍ରସ ଓ ଏନ୍‌ଏସ୍‌ଏସ୍ ୟୁନିଟର ମିଳିତ ଉଦ୍ୟମରେ ଶନିବାର ମହାବିଦ୍ୟାଳୟରେ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ୱାସ୍ଥ୍ୟ ଅଧିକାରୀ ଡ. ସୁବ୍ରତ ସ୍ୱରୂପ ପଣ୍ଡା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଚନ୍ଦନ କୁମାର ହୋତା, ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ବାବୁଲା ନାୟକ, ସାରଳା ଦଳାଇ, ମନୋଜ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଏହି ରୋଗର କାରଣ, ଲକ୍ଷଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଯୁବ ରେଡକ୍ରସ ଉପଦେଷ୍ଟା ଅଧାପକ ରାଜେଶ କୁମାର ସାହୁ, ଅଜିତ କୁମାର ମୁନି ଏବଂ ଏନ୍‌ଏସ୍‌ଏସ୍ ୟୁନିଟ ଅଧିକାରୀ ପବିତ୍ର ଧଙ୍ଗଡ ମାଝି, ଚନ୍ଦନ ମାରାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୁକ୍ତା ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

ଚିକିଟି,୧୨।୮(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ଏନ୍‌ଏସି ସମ୍ମିଳନୀ କକ୍ଷରେ ଶନିବାର ମୁକ୍ତା ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଗର ଉନ୍ନୟନ ମନ୍ତ୍ରୀ ଉଷାଦେବୀ ମୁଖ୍ୟ ଅତିଥି, ଏନ୍‌ଏସି ଅଧକ୍ଷା ଦୀପା କୁମାରୀ ସାହୁ, ନିର୍ବାହୀ ଅଧିକାରୀ କୁଳଦୀପ କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ୧୯ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିବା ସହ ୬ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୨ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିଥିଲେ। ମୁକ୍ତା ଯୋଜନାରେ ୨୧ଟି ପ୍ରକଳ୍ପ ପାଇଁ ୧କୋଟି ୪୬ ଲକ୍ଷ ଟଙ୍କା ଋଣ ମଞ୍ଜୁର କରାଯାଇଛି। ଏହାଦ୍ୱାରା ସହରାଞ୍ଚଳର ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ମନ୍ତ୍ରୀ କହିଥିଲେ। ଏନେଇ ଉପସ୍ଥିତ ହିତାଧିକାରୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ଭିଡିଓ ଚିତ୍ର ମାଧମରେ ପ୍ରଦର୍ଶନ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ମେଳାରେ ସମସ୍ତ କାଉନସିଲର ସମେତ ଏନ୍‌ଏସିର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଶିକ୍ଷକ,ଅଭିଭାବକ ବୈଠକ



ବୈଠକରେ ଉପସ୍ଥିତ ଅତିଥି।

ଆର.ଉଦୟଗିରି,୧୨।୮
(ମନୋଜ କୁମାର ପାଢୀ)

ଶନିବାର ମହେନ୍ଦ୍ରଗଡ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଲୋକନାଥ ନାହାକଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ଓ କର୍ମଚାରୀବୃନ୍ଦ, ଅଭିଭାବକବୃନ୍ଦ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଆନୁସଙ୍ଗିକ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ନୀଳମାଧବ ନାୟକ ଛାତ୍ରୀଛାତ୍ରଙ୍କ ଶିକ୍ଷାର ଭୂମିକା ସମ୍ପର୍କରେ କହିଥିବା ବେଳେ ମହେନ୍ଦ୍ରଗଡ଼ ସିଆରସି ମୃତ୍ୟୁଞ୍ଜୟ ପୂଜାରୀ ଅଭିଭାବକମାନଙ୍କୁ ସେମାନଙ୍କର ଭୂମିକା ଉପରେ ବୁଝାଇଥିଲେ। ହିନ୍ଦୀ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ମଞ୍ଚ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ବୃନ୍ଦ ସହଯୋଗ କରିଥିଲେ।

# ବର୍ଷା ଅଭାବରୁ ଜମି ଫାଟି ଆଁ

ଧରାକୋଟ,୧୨।୮
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧାରା ଶ୍ରାବଣରେ ଚାଷଜମି ସବୁଜିମା ହୋଇ ହସିଲା ପୂରିଲା ଲାଗିବା ବଦଳରେ ହଳଦିଆ ରଙ୍ଗ ଧାରଣ କଲାଣି। ମୌସୁମୀର ଲୁଚକାଳି ଖେଳ ସାଙ୍ଗକୁ ଅଭାବୀ ବର୍ଷା ଯୋଗୁ ନିଜ ଆଖିଆଗରେ ବର୍ଷକର ଅମଳ ହେବାକୁଥିବା ଫସଲ ନଷ୍ଟ ହେବାକୁ ଯାଉଥିବାରୁ ଚିନ୍ତାରେ ପଡ଼ିଛି ଚାଷୀ। ବନ୍ଧ, ଗାଡ଼ିଆ, ନଈ, ପୋଖରୀ ଶୁଖିଲା ପଡ଼ିଛି। ପ୍ରଥମରୁ ବର୍ଷା ଅଭାବ ଯୋଗୁ ଚାଷକାର୍ଯ୍ୟ ଧିମା ପଡ଼ିଥିଲା। ଲଘୁଚାପଜନିତ ବର୍ଷାରେ ରୁଆ ବେଉଷଣ କାମ ଆଗେଇ ଚାଲିଥିବା ବେଳେ ପୁଣି ବର୍ଷା ଉଭାନ୍ ହୋଇଯାଇଥିବାରୁ ଚାଷୀର ଚିନ୍ତା ବଢ଼ିଥିଲା। ବ୍ଲକରେ ୫୭୪୮ ହେକ୍ଟର ଜମିରେ ଖରିଫ ଚାଷ କରାଯିବାର ଲକ୍ଷ୍ୟ ରହିଥିବା ବେଳେ



ବର୍ଷା ଅଭାବ ଯୋଗୁ ତାହା ପଚାଶ ପ୍ରତିଶତ ପୂରଣ ହୋଇପାରିନାହିଁ। ଅନ୍ୟପଟେ ତଳି ବୁଢ଼ା ହେବାକୁ ବସିଲାଣି। ସେପଟେ ରୁଆ ଜମିସବୁ ଫାଟିବା ଆରମ୍ଭ କଲାଣି। ବ୍ଲକ ଅଧୀନ ବାହାରପୁର, ରୁଗୁମୁ, ଓଲମ୍ବା, ବରଡ଼ା ବାଲି, ସିଙ୍ଗିପୁର, ଜାହାଡ଼ା, ଜଗମୋହନ, ଝାଡ଼ବନ୍ଧ, ଝରପାରି, ସାବା ପ୍ରଭୃତି ପଞ୍ଚାୟତର ଚାଷକାର୍ଯ୍ୟ ପାଣି ସମସ୍ୟା ଯୋଗୁ ଏକରକମ ବନ୍ଦ ରହିଛି। ଉପଯୁକ୍ତ ପ୍ରଚାର ପ୍ରସାର ହୋଇ ନ ପାରିବାରୁ ଅଧିକାଂଶ ଚାଷୀ ଫସଲ ବୀମା ଯୋଜନାରେ ସାମିଲ ହୋଇପାରିନାହାନ୍ତି। ଅନ୍ୟପକ୍ଷେ ସରକାରଙ୍କ ତରଫରୁ ଜଳସେଚନର ସୁବିଧା ପାଇଁ କେନାଲ ସମ୍ପ୍ରସାରଣ, ଆଡ଼ିବନ୍ଧ ନିର୍ମାଣ, ଚେକ୍‌ଡ୍ୟାମ୍ ନିର୍ମାଣ ପାଇଁ କୌଣସି ଯୋଜନା ପ୍ରସ୍ତୁତ କରାଯାଉନାହିଁ। ସେପଟେ ନାମଫଳକରେ ସୀମିତ ରହିଛି ଉଠା ଜଳସେଚନ ବିଭାଗ। ଧରାକୋଟ ବ୍ଲକରେ କାଗଜ କଲମରେ ୮୦ ଉଠା ଜଳସେଚନ ପଏଣ୍ଟ ରହିଥିବା ବେଳେ ମାତ୍ର ୮ଟି ଚାଲୁଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୩ ଅଗଷ୍ଟ, ୨୦୨୩



## ସଂକ୍ଷେପରେ

### ଗଞ୍ଜାମ ଜିଲାରେ ୫ ନୂଆ ଡେଙ୍ଗୁ ସଂକ୍ରମିତ

ବ୍ରହ୍ମପୁର,୧୨।୮ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାରେ ଏବେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ୨ଦିନ ଭିତରେ ଜିଲାରେ ଆଉ ୫ଜଣ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୩ଜଣ ସ୍ଥାନୀୟ ଅଞ୍ଚଳରେ ସଂକ୍ରମିତ ହୋଇଥିବା ବେଳେ ଆଉ୨ ଜଣ ଦିଲ୍ଲୀ ଓ ବିଶାଖପାଟଣାମର ସଂକ୍ରମିତ। ସମସ୍ତେ ସୁସ୍ଥ ଅଛନ୍ତି ଏବଂ ଘରେ ରଖି ଚିକିତ୍ସିତ ହେଉଥିବା ସ୍ୱାସ୍ଥ୍ୟ ବିଭାଗ ପ୍ରକାଶ କରିଛି। ଜିଲାରେ ପୂର୍ବରୁ ୧୩ଜଣ ରୋଗୀ ଥିବା ବେଳେ ନୂଆ ୫ଜଣଙ୍କୁ ମିଶାଇ ଡେଙ୍ଗୁ ପଜିଟିଭ୍ ସଂଖ୍ୟା ୧୮ ହୋଇଛି। ଏମାନଙ୍କ ମଧ୍ୟରେ ୧୦ଜଣ ବାହାର ଜିଲା ଓ ରାଜ୍ୟରୁ ସଂକ୍ରମିତ ହୋଇ ଏଠାକୁ ଆସିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୧୫୨୩ ଜଣ ସନ୍ଦିଗ୍ଧଙ୍କ ଡେଙ୍ଗୁ ପରୀକ୍ଷା ହୋଇଛି ଏବଂ ୧୮ଜଣ ପଜିଟିଭ୍ ବାହାରିଛନ୍ତି।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ଲାଇବ୍ରେରି ଦିବସ

ବ୍ରହ୍ମପୁର,୧୨।୮ (ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପାଠାଗାର ଓ ସ୍ୱଚ୍ଛତା ବିଭାଗ ପକ୍ଷରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଜାତୀୟ ଲାଇବ୍ରେରୀ ଦିବସ ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗ ମୁଖ୍ୟ ଡ଼.ଜ୍ୟୋତ୍ସ୍ନା ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାମିଆ ୟୁନିଭର୍ସିଟି ଅଫ ଏପ୍ଲାଇଡ଼ ସାଇନ୍ସ ନିର୍ଦ୍ଦେଶକ ପ୍ରଫେସର ଏମ.ସାଇବାବା, ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଛତ୍ରପୁରର ଅଧ୍ୟକ୍ଷ ରାଜେନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ସୂଚନାକୁ ସଂରକ୍ଷିତ ରଖିବା ସହ ଏହାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଓ ଆଗାମୀ ପିଢ଼ି ନିମନ୍ତେ କିପରି ସାଇତା ରଖିପାରିବା ସେ ସମ୍ପର୍କରେ ଅତିଥିମାନେ ମତପ୍ରକାଶ କରିବା ସହ ଏହି କ୍ଷେତ୍ରରେ ଲାଇବ୍ରେରୀର ଭୂମିକା ସମ୍ପର୍କରେ କହିଥିଲେ। ବିଭାଗୀୟ ସହକାରୀ ପ୍ରଫେସର ଡ଼ି. ସୁଦର୍ଶନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭାଗୀୟ ସହକାରୀ ପ୍ରଫେସର ଡ଼.ରାଜକିଶୋର କମ୍ପ, ଡ଼.ମୃତ୍ୟୁଞ୍ଜୟ ସେଠୀ, ସହ ଗ୍ରନ୍ଥାଗାରିକ ଡ଼.ମନସ୍ୱିନୀ ପାତ୍ର, ଶୁଭଲକ୍ଷ୍ମୀ ନାୟକ, ଡ଼.ଜିତେନ୍ଦ୍ର କୁମାର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ରମ୍ଭା ହାଇସ୍କୁଲରେ ପୋଷାକ ବଣ୍ଟନ

ରମ୍ଭା(ବନବାସୀ ସେଠୀ),୧୨।୮

ରମ୍ଭା ହାଇସ୍କୁଲ ପରିସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରାଙ୍କ ସଭାପତିତ୍ୱରେ ଶନିବାର ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ରମ୍ଭା ଏନ୍ଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ ରହିଥିବା ବେଳେ ସମ୍ମାନିତ ଅତିଥି ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ବାଡ଼ତ୍ୟା, ପ୍ରାକ୍ତନ ଏନ୍ଏସି ଅଧ୍ୟକ୍ଷ ବିଜୟ ଚନ୍ଦ୍ର ବିଶ୍ୱାଳ, ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ପତି, ସିଆର୍‌ସିସି ରବୀନ୍ଦ୍ର ପଣ୍ଡା, ଅଧ୍ୟକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ପୋଷାକ ବଣ୍ଟନ କରିଥିଲେ।

### ମହାବିଦ୍ୟାଳୟରେ ଭୋଟର ସଚେତନତା

ବେଲଗୁଣ୍ଠା,୧୨।୮ (କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟାପକ ଡ.ଗୁରୁମୂର୍ତ୍ତୀ ନାୟକଙ୍କ ଅଧ୍ୟକ୍ଷତାରେ ଭୋଟର୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବେଲଗୁଣ୍ଠା ତହସିଲଦାର ମନୋଜ ପ୍ରଭାକର କୁଜୁର୍‌ଙ୍କ ସମେତ ବିଏଲ୍ଓ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଭାସ୍କର ଗୌଡ଼,ଅଶୋକ କୁମାର ପ୍ରଧାନ, ଅଶୋକ କୁମାର ସ୍ୱାଇଁ, ଅଜୟ କୁମାର ବିଶ୍ୱାଳ,ସପନ କୁମାର ପ୍ରଧାନ, ରଞ୍ଜିତ କୁମାର ବିଶ୍ୱାଳ, ବିଶ୍ୱରଞ୍ଜନ ସ୍ୱାଇଁ, ପିଙ୍କି ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଭୋଟରଙ୍କ ପ୍ରତ୍ୟେକ ଭୋଟର ମୂଲ୍ୟ ଅମୂଲ୍ୟ ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଓ ଏହା ସହିତ ଭୋଟର୍ ମାନେ ନିଜ ନିଜର ମୋବାଇଲ୍ ମାଧ୍ୟମରେ କିପରି ନାମ ପଞ୍ଜୀକରଣ କରିପାରିବେ ବୁଝାଇବା ସହିତ ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଛାତ୍ରୀ ଚିନ୍ମୟୀ ନାୟକଙ୍କ ମୋବାଇଲ୍ ମାଧ୍ୟମରେ ଚିନ୍ମୟୀଙ୍କ ନାମ ପଞ୍ଜୀକରଣ କରାଇଥିଲେ। ବିଏଲ୍ଓ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଓ କାର୍ଯ୍ୟକ୍ରମରେ ୧୫୦ ର ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସମେତ ଖବରଦାତା ଶିବରାମ ଚୌଧୁରୀ ଯୋଗଦେଇଥିଲେ ଓ ଅଧ୍ୟାପକ ସପନ କୁମାର ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଛାତ୍ର ବିରୋଧୀ ନୀତିକୁ ବିରୋଧ କରିବାକୁ ଆହ୍ୱାନ

## ଏଆଇଏସ୍ଏଫଙ୍କର ପ୍ରତିଷ୍ଠା ଦିବସ ପାଳିତ

ବ୍ରହ୍ମପୁର,୧୨।୮ (ନରସିଂହ ସାହୁ)

ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସଏଫ) ଗଞ୍ଜାମ ଶାଖାର ଜିଲାସ୍ତରୀୟ ପ୍ରତିଷ୍ଠା ଦିବସ ଶନିବାର ବ୍ରହ୍ମପୁରରେ ପାଳିତ ହୋଇଯାଇଛି। ସିପିଆଇ କାର୍ଯ୍ୟାଳୟ ପରିସରରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭାଜପା ନେତୃତ୍ୱାଧିନ ଏନଡିଏ ଶାସନରେ କାର୍ଯ୍ୟକାରୀ ଜାତୀୟ ଶିକ୍ଷା ନୀତି ୨୦୨୦କୁ ତୁରନ୍ତ ବାତିଲ ପାଇଁ ଦାବି କରାଯାଇଛି। ନଚେତ ଜିଲା ବ୍ୟାପୀ ବାମପନ୍ଥୀ ଛାତ୍ର ସଂଗଠନ ଲଗାତର ଆନ୍ଦୋଳନ କରିବ ବୋଲି ଚେତାବନୀ ଦିଆଯାଇଛି। ଏଆଇୱାଇଏଫର ରାଜ୍ୟ ସଭାପତି ପ୍ରଦୀପ ସେଠୀ ପ୍ରାରମ୍ଭରେ ଛାତ୍ର ସଂଘର ପତାକା ଉତ୍ତୋଳନ କରିଥିଲେ। ମୋଦୀ ସରକାରଙ୍କ ଛାତ୍ର ଓ ଯୁବ ମାରଣ ନୀତିର ସେ ସମାଲୋଚନା କରିଥିଲେ।



ଏଆଇଏସଏଫର ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

ପ୍ରତିଷ୍ଠା ପାଳନ ସମାବେଶରେ କାମଦେବ ନାହାକ ଅଧ୍ୟକ୍ଷତା କରିଥିଲେ। ୧୯୩୬ ଅଗଷ୍ଟ ୧୨ରେ ପ୍ରତିଷ୍ଠା କରାଯାଇଥିବା ଛାତ୍ର ସଂଘକୁ ଏବେ ୮୮ ବର୍ଷ ପୂରିଛି। ଏହି ସମୟ ଭିତରେ ସଂଘ କିଭଳି ସଂଗ୍ରାମୀ ପଦକ୍ଷେପ ନେଇଛି ସେନେଇ ଆଲୋକପାତ କରିଥିଲେ। ପୂର୍ବତନ ଏଆଇଏସଏଫ ନେତା ତଥା ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରକାଶ ପାତ୍ର ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ବିଜେଡି ସରକାରଙ୍କ ଛାତ୍ର ବିରୋଧୀ ନୀତିର ନିନ୍ଦା କରିଥିଲେ। ଉଭୟ ସରକାର ବିରୋଧରେ ଛାତ୍ର ଓ ଯୁବଗୋଷ୍ଠୀ ସ୍ୱର ଉତ୍ତୋଳନ କରିବା ପାଇଁ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଶତାଧିକ ଏଆଇଏସଏଫ ସଦସ୍ୟା ଓ ସଦସ୍ୟ ଯୋଗ ଦେଇଥିଲେ। କଲେଜଗୁଡିକରେ ଖାଲିପଡ଼ିଥିବା ଅଧ୍ୟାପକ ପଦ ସରକାର ପୂରଣ କରିବାକୁ ଦାବି କରାଯାଇଥିଲା। ଛାତ୍ର ସଂସଦ ନିର୍ବାଚନ କରାଯିବାକୁ ମତ ପ୍ରକାଶ ପାଇଥିଲା। ମହେଶ୍ୱର ଗୌଡ଼, ସୁନୀଲ ସେଠୀ, ଅନୀଲ ନାହାକ, ଏଲ. କ୍ରୀଷ୍ଣା ପ୍ରସାଦ, ରାକେଶ ବିଶୋୟୀ, ମହେନ୍ଦ୍ର ପାତ୍ର, ରାଜା ମହାଙ୍କୁଡ଼, କାହ୍ନୁ ଗୌଡ଼ ପ୍ରମୁଖ ଭାଷଣ ଦେଇଥିଲେ। ଏହି ଅବସରରେ ସଂଗ୍ରାମୀ ଭୂମିକା ନେଇଥିବା ଏଆଇଏସଏଫ ନେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com


@ ରାଜେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆଣ୍ଟି ରାଗିଂ ସପ୍ତାହ



ଆଣ୍ଟିଂ ରାଗିଂ ସପ୍ତାହ ଆରମ୍ଭ ଅବସରରେ ମଞ୍ଚାସୀନ ଅତିଥି।

ବ୍ରହ୍ମପୁର.୧୨।୮ (ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ନୂତନ ସମ୍ମିଳନୀ କକ୍ଷଠାରେ ଶନିବାର ଆଣ୍ଟି ରାଗିଂ ସପ୍ତାହ ଆରମ୍ଭ ହୋଇଛି। ଏଥିରେପିଜି କାଉନସିଲ ଅଧ୍ୟକ୍ଷ ସୁଶାନ୍ତ କୁମାର ବରାଳ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ଏସ୍‌ପି ଡ଼ ଶ୍ରବଣ ବିବେକ ଏମ. ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥଲେ। ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠୀ, ପବ୍ଲିକ ଅଭିଭୋକ୍ତା ମୋହନ ସିଂଘାରି, ଉପ ଆରକ୍ଷୀ ଅଧିକାରୀ ଦୀପ୍ତିକାନ୍ତ ପ୍ରଧାନ ଓ ରେଜିଷ୍ଟ୍ରାର ସଚ୍ଚିଦାନନ୍ଦ ନାୟକ ମଞ୍ଚାସୀନ ଥିଲେ । ଏସ୍‌ପି ନିଜ ଅଭିଭାଷଣରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରକୁ କିପରି ରାଗିଂମୁକ୍ତ ରଖାଯିବ ସେ ବିଷୟରେ ବିଦ୍ୟାର୍ଥୀଙ୍କୁ ଅବଗତ କରାଇଲେ। ରାଗିଂର ଭୟାବହତା, ଏହା ମାନସିକ ବିକାର ଏବଂ ର୍‍ୟାଗିଂ ଯୋଗୁଁ କିପରି ଅନେକ ଛାତ୍ର ଜୀବନ ହରାଇଛନ୍ତି ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଯଦି କୋଉଠି କିଛି ରାଗିଂ ବିଷୟରେ ସୂଚନା ମିଳେ ପୋଲିସକୁ ଜଣାଇବା ପାଇଁ ସେ କହିଥିଲେ। ରାଗିଂ ରୋକିବା ପାଇଁ ସାମୁହିକ କର୍ତ୍ତବ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ।

# ବିଶ୍ୱ ହସ୍ତୀ ଦିବସରେ ଚିତ୍ରାଙ୍କନ ପ୍ରତିଯୋଗିତା



ଅତିଥିଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ବ୍ରହ୍ମପୁର,୧୨।୮ ( ସ୍ମୃତି ରଞ୍ଜନ ମହାଲିକ୍)

ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ କଳିଙ୍ଗ ବିଦ୍ୟା ମନ୍ଦିର ଠାରେ ଶନିବାର ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ଜବାହାରଲାଲ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସହାୟକ ବନ ସଂରକ୍ଷକ ମାଣିକେଶ୍ୱରୀ ହାଂସଦା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର, ବିଦ୍ୟାଳୟ ସମ୍ପାଦକ ହରିକୃଷ୍ଣ କୋଠିଆ, ବନମାଳୀ ପ୍ରଧାନ, ଶିକ୍ଷୟିତ୍ରୀ ଶର୍ମିଳା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟରେ କିଛି ବର୍ଷ ହେବ କେଉଁଠି ନା କେଉଁଠି ବିଭିନ୍ନ କାରଣରୁ ହାତୀଙ୍କ ମୃତ୍ୟୁ ହେଉଛି। ଗଞ୍ଜାମ ଜିଲାର ବ୍ରହ୍ମପୁର ବନଖଣ୍ଡ, ଘୁମୁସର ବନଖଣ୍ଡରେ ମଧ୍ୟ ହାତୀ ଅଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ଆମେ ଆଗଭର ହେବା ଆବଶ୍ୟକ ବୋଲି ସହାୟକ ବନ ସଂରକ୍ଷକ କହିଥିଲେ। ଏହି ଅବସରରେ ହାତୀ ସୁରକ୍ଷା ନିମନ୍ତେ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବନପାଳ ବାବୁ ସେଠି, ଆଇ.ଗଣେଶ, ବନରକ୍ଷୀ କିଶୋର ଚନ୍ଦ୍ର ପଣ୍ଡା, ସ୍ୱେଚ୍ଛାସେବୀ ସୁନୀଲ କୁମାର ମାଝୀ, ଦୁର୍ଯ୍ୟୋଧନ ଦୋରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକଙ୍କ ସମ୍ମାନ ସୁରକ୍ଷା ଦାବି

ବ୍ରହ୍ମପୁର,୧୨।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବରିଷ୍ଠ ନାଗରିକଙ୍କ ଘର ଆଗରେ ଧାରଣାରେ ବସିବା ଯୋଗୁ ସେମାନଙ୍କ ସମ୍ମାନ ହାନି ଘଟୁଛି। ବରିଷ୍ଠ ନାଗରିକ ଦମ୍ପତି ମାନସିକ ଚାପରେ ରହୁଛନ୍ତି। ତେଣୁ ଏ ଦିଗରେ ଦୃଷ୍ଟି ଦେଇ ସମାଧାନ ପନ୍ଥା ବାହାର କରିବାକୁ ଭୁବନେଶ୍ୱର ସ୍ଥିତ ଇଣ୍ଟରନ୍ୟାସନାଲ୍ ହ୍ୟୁମାନ୍ ରାଇଟ୍ସ କାଉନସିଲ ତରଫରୁ ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇଙ୍କୁ ଅନୁରୋଧ କରାଯାଇଛି। ବଡ଼ବଜାର ଥାନା ଦେଶୀବେହେରା ସାହିର ବରିଷ୍ଠ ନାଗରିକ କେ.ଲକ୍ଷ୍ମୀ ଦେବୀ ଓ ତାଙ୍କ ସ୍ୱାମୀ କେ. ତେଜେଶ୍ୱର ରାଓ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଘର ସାମ୍ନାରେ ଜଣେ ଯୁବତୀ ଧାରଣାରେ ବସିଛନ୍ତି। ଯୁବତୀ ଜଣଙ୍କ ତାଙ୍କ ନାତି ଦିନେଶଙ୍କ ନାଁରେ ବଳାତ୍କାର ଅଭିଯୋଗ ଆଣିଥିଲେ। ଟାଉନ୍ ଥାନା ପୋଲିସ ୨୦୨୦ରେ ଦିନେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ସମ୍ପୃକ୍ତ ମହିଳା ଘର ଆଗରେ ଧାରଣାରେ ବସିଛନ୍ତି। ଏଥିପାଇଁ ତେଜେଶ୍ୱର ମାନସିକ ସ୍ତରରେ ଆଘାତ ପାଇବା ସହିତ ସେ ଚିକିତ୍ସିତ ହେଉଥିବା ପତ୍ନୀ ଲକ୍ଷ୍ମୀ କହିଛନ୍ତି। ଏଣୁ ଏହି ଘଟଣାରେ ହସ୍ତକ୍ଷେପ କରି ବରିଷ୍ଠ ନାଗରିକଙ୍କ ସମ୍ମାନ ସୁରକ୍ଷା ଏବଂ ସମାଜରେ ଶାନ୍ତି ପ୍ରତିଷ୍ଠା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି। କାଉନସିଲର ରାଜ୍ୟ ସସ୍ମିତା ଦାସ, ଗଞ୍ଜାମ ଜିଲା ସଭାପତି ରଶ୍ମିତା ପାଣିଗ୍ରାହୀ ପ୍ରମୁଖ ଏ ସମ୍ପର୍କରେ ଆଇଜିଙ୍କ ସହିତ ଆଲୋଚନା କରିଛନ୍ତି।

# ଜଗବନ୍ଧୁ ସାହିରେ ବୋମାମାଡ଼, ୨ ଅଟକ

ବ୍ରହ୍ମପୁର,୧୨।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ବୋମାମାଡ଼ ହୋଇଛି। ରାତି ପ୍ରାୟ ସାଢେ ୧୨ଟାରେ କେତେଜଣ ଦୁର୍ବୃତ୍ତ ପ୍ରଶାନ୍ତ ନାୟକଙ୍କ ଘର ଉପରକୁ ବୋମା ଫିଙ୍ଗିଛନ୍ତି। ପ୍ରଶାନ୍ତଙ୍କ ଘର ଅଗଣାରେ ୨ଟି ବୋମା ଫୁଟି ପ୍ରଚଣ୍ଡ ଶବ୍ଦ ହେବାରୁ ପରିବାର ଲୋକେ ଭୟଭୀତ ହୋଇ ବାହାରକୁ ଚାଲି ଆସିଥିଲେ। ଏଥିରେ କେହି ଆହତ ହୋଇନାହାନ୍ତି। ଖବରପାଇ ପୋଲିସ ସେଠାରେ ପହଞ୍ଚିଥିଲା। ଘଟଣାସ୍ଥଳରୁ ଫୁଟିଥିବା ବୋମାର ଟୁକୁଡା ଜବତ କରିଥିଲା। ଏହି ଘଟଣାକୁ ନେଇ ଅଞ୍ଚଳରେ ଆତଙ୍କର ବାତାବରଣ ଖେଳିଯାଇଛି। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୨ଜଣଙ୍କୁ ଧରିଛି। ସେମାନଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ଜଗବନ୍ଧୁସାହି ବନ୍ଧହୁଡ଼ାରେ ବସି କେତେଜଣ ଅସାମାଜିକ ବ୍ୟକ୍ତି ନିଶାସେବନ କରନ୍ତି। ସେମାନେ ଲୋକଙ୍କୁ ହଇରାଣ କରିଥାନ୍ତି। ଏଭଳି କାମରୁ ନିବୃତ୍ତ ରହିବା ପାଇଁ କିଛିଦିନ ତଳେ ପ୍ରଶାନ୍ତ ସେମାନଙ୍କୁ ତାଗିଦ୍ କରିଥିଲେ। ତେଣୁ ସେମାନେ ଉତ୍ତ୍ୟକ୍ତ ହୋଇ ପ୍ରଶାନ୍ତଙ୍କ ଘର ଉପରକୁ ବୋମା ଫିଙ୍ଗିଥିଲେ। ଏ ନେଇ ଥାନାରେ ଅଭିଯୋଗକ୍ରମେ ପୋଲିସ ୨୯୨/୨୩ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ବୋମାମାଡ଼ ଘଟଣାରେ ୪ଜଣ ସାମିଲ ଥିବା ଜଣାପଡ଼ିଛି।

# ବାଲିପଦର ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ

ବାଲିପଦର,୧୨।୮ (ବିଶିକେଶନ ସ୍ୱାଇଁ)

ବାଲିପଦର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ଶନିବାର ୩୦ ବର୍ଷରେ ପଦାର୍ପଣ କରିଛି। ଉଦ୍ୟୋକ୍ତାମାନଙ୍କ ଲକ୍ଷ୍ୟ ପୂରଣରେ ମହାବିଦ୍ୟାଳୟ କର୍ମଚାରୀମାନେ ପୂର୍ଣ୍ଣ ସହଯୋଗ କରି ଅନୁଷ୍ଠାନକୁ ଏହି ସ୍ଥାନରେ ପହଞ୍ଚାଇ ପାରିଥିବାରୁ ଅଞ୍ଚଳବାସୀ ପ୍ରଂଶସା କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବି. ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଅତିଥି ଭାବେ ସମାଜିକ କର୍ମୀ ଜି. ରାଜେଶ୍ୱର ପାତ୍ର, ଖଲି ପରିଡ଼ା, କୈଳାଶ ଚନ୍ଦ୍ର ପ୍ରଧାନ ଏବଂ ଅଧ୍ୟାପକ କୈଳାଶ ଚନ୍ଦ୍ର ସେନାପତି, ସରୋଜ କାନ୍ତ ଦାସ, ଡକ୍ଟର ଶିଶିର କୁମାର ନାୟକ ଡକ୍ଟର ଏ. ଜିତେଶ ରାଓ ଦୋରା, ଗୋପିନାଥ ମହାନ୍ତି, ଅଧ୍ୟାପିକା ସୁଜାତା କୁମାରୀ ପଟ୍ଟନାୟକ ଯୋଗଦେଇଥିଲେ। ଅଭିଭାବକମାନେ ଛାତ୍ରୀଛାତ୍ରଙ୍କ କାର୍ଯ୍ୟ ଶୈଳିକୁ ଗୁରୁତ୍ୱ ଦେଲେ ହିଁ ସେମାନଙ୍କ ବୌଦ୍ଧିକ ଜ୍ଞାନର ବିକାଶ ଘଟିବ ଏବଂ ସେମାନେ ସ୍ୱାବଲମ୍ବୀ ହୋଇ ପାରିବେ ବୋଲି ଅତିଥି ମାନେ ପରାମର୍ଶ ଦେଇଥିଲେ। ସଂଜୟ କୁମାର ପାତ୍ର, ସଞ୍ଜୟ କୁମାର ବିଷୋୟୀ, ପ୍ରଦ୍ୟୁମ୍ନ କୁମାର ପାଢ଼ୀ, ଜ୍ଞାନ ଚାନ୍ଦ ଗୌଡ଼, ରଶ୍ମି ରଞ୍ଜନ ତ୍ରିପାଠୀ,ଏ.ମଦୁରାଜୁ ଦୋରା, ରମାକାନ୍ତ ରାଉତ, ସିମାଞ୍ଚଳ ଗୌଡ, ଭଞ୍ଜ କିଶୋର ଗୌଡ, ମହେଶ୍ୱର ଗୌଡ଼ ପ୍ରମୁଖ ଯୋଗଦେଇଥିବା ବେଳେ କର୍ତ୍ତା ଭାବେ ପ୍ରଦ୍ୟୁମ୍ନ କୁମାର ପାଢ଼ୀ ଓ ପଣ୍ଡିତ ପପୁନ୍ ଖାଡଙ୍ଗା ପୁରୋହିତ କାର୍ଯ୍ୟ ପରିଚାଳନା କରିଥିଲେ।

# ସହରରେ ଟ୍ରାଫିକ୍ ବ୍ୟବସ୍ଥା ଅଣାୟତ୍ତ

ବ୍ରହ୍ମପୁର,୧୨।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଦୀର୍ଘବର୍ଷ ଧରି ଟ୍ରାଫିକ୍ ସମସ୍ୟା ଲାଗିରହିଛି। ଏହାର ସ୍ଥାୟୀ ସମାଧାନ ପାଇଁ ପୋଲିସ ପକ୍ଷରୁ ବିଗତ ଦିନରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ହେଲେ ସମସ୍ୟା ସୁଧୁରିବାର ନାଁ ନେଉନାହିଁ। ଅନିୟନ୍ତ୍ରିତ ବସ ଚଳାଚଳ ଓ ରାସ୍ତା ମଝିରେ ମନଇଚ୍ଛା ବସ ଗୁଡିକ ବହୁ ସମୟ ଧରି ରହଣି କରିବା ଏହାର ମୁଖ୍ୟ ସମସ୍ୟା ହୋଇଛି। ଟ୍ରାଫିକ ପୋଲିସର ଖାମଖିଆଲି ନୀତି ଯୋଗୁଁ ଏଭଳି କୃତିମ ସମସ୍ୟା ବେଳେ ବେଳେ ଦେଖିବାକୁ ମିଳୁଛି। କେତେକ ବସ ମାଲିକଙ୍କୁ ପୋଲିସର ଅନୁକମ୍ପା ଯୋଗୁଁ ବସ ଗୁଡିକ ଦୀର୍ଘ ସମୟ ଧରି ରାସ୍ତା ଉପରେ ରହଣି କରିବାରୁ ଏହି ସମସ୍ୟା ଦେଖାଦେଇଛି। ଶନିବାର ନୂଆ ବସଷ୍ଟାଣ୍ଡ ମୁଖ୍ୟ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ପ୍ରାୟ ଘଣ୍ଟାଏ ଧରି ରାସ୍ତାର ଉଭୟ ପଟେ ଶତାଧିକ ଲୋକ ଓ ଗାଡି ମୋଟର ଫସି ରହିଥିଲା। ଗୋଟିଏ ପଟେ ସହରର ଅଣ ଓସାରିଆ ରାସ୍ତା ଓ ଅଧିକ ଜନଗହଳି ହେଉଥିବା ବେଳେ ଅନ୍ୟପଟେ ଟ୍ରାଫିକ ନିୟମକୁ କେହି ମାନୁ ନଥିବାରୁ ଏଭଳି ସମସ୍ୟା ଦେଖାଦେଉଛି। ପୋଲିସ ସେଠାରେ ପହଞ୍ଚି ସାମୁହିକ ଭାବେ ଯାନବାହନ ଚଳପ୍ରଚଳ ସ୍ୱାଭାବିକ କରିଥିଲା।

# ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

ମୋହନା, ୧୨।୮ (ମନ୍ମଥ ମିଶ୍ର)

ମୋହନା ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ବାଟିକା ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ତପସ୍ୱିନୀ ହାଂସଦା ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ସଂସ୍କାରିତ ପରିବାର ଗଠନରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ଥାନା ସବଇନ୍ସପେକ୍ଟର ଶାନ୍ତି ବେହେରା ଯୋଗଦେଇ ମା ମାନେ ଚାହିଁଲେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଥିଲେ। ପ୍ରଧାନ ଆଚାର୍ଯ୍ୟା ଆରତି ପାଢ଼ୀ ମାତୃ ସମ୍ମିଳନୀ ଆୟୋଜନର ଉଦେଶ୍ୟ ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥି ଭାବେ ପରିଚାଳନା ସମିତି ଉପଦେଷ୍ଟା ମଧୁସୁଦନ ପାଢୀ, ବାବୁଲା ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମା ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ ଶିଶୁ ବାଟିକା ପ୍ରମୁଖ ବିନତି ବାଡତ୍ୟା , ସହ ପ୍ରମୁଖ ପ୍ରତିମା ସାହୁ ଓ କାବେରୀ ସାହୁ ପରିଚାଳନା କରିଥିଲେ।


ମାତୃ ସମ୍ମିଳନୀରେ ଉପସ୍ଥିତ ଅତିଥି।

# 'ପୋଲିସ ରେଳଯାତ୍ରୀଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଉଛି'

## ୨୧ କେଜି ଗଞ୍ଜେଇ, ୨୦ ମୋବାଇଲ୍ ଫୋନ୍ ଜବତ

ବ୍ରହ୍ମପୁର,୧୨।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଜିଆର୍‌ପି ଥାନା ପକ୍ଷରୁ ଚଢ଼ାଉ କରାଯାଇ ରେଳଷ୍ଟେଶନରୁ ଗଞ୍ଜେଇ ଜବତ କରାଯାଇଛି। ଏଥିସହିତ ବିଭିନ୍ନ ଟ୍ରେନ୍ ଯାତ୍ରୀଙ୍କ ଠାରୁ ଚୋରି ହୋଇଥିବା ୨୦ଟି ମୋବାଇଲ୍ ଫୋନ୍ ମଧ୍ୟ ଉଦ୍ଧାର ହୋଇଛି। ମୋବାଇଲ ଫୋନ୍‌ର ପ୍ରକୃତ ମାଲିକ ଆବଶ୍ୟକ କାଗଜପତ୍ର ଦେଖାଇ ତାଙ୍କର ଫୋନ୍ ନେଇପାରିବେ ବୋଲି କଟକ ଜିଆରପି ଏସ୍‌ପି ବିରଞ୍ଚି ପ୍ରସାଦ ଦେହୁରୀ ଶନିବାର ବ୍ରହ୍ମପୁର ଜିଆରପି ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେ କହିଛନ୍ତି, ରେଳବାଇ ପୋଲିସ ଜନସଧାରଣଙ୍କ ବିଶ୍ୱାସଭାଜନ ହେବା ସହ ଯାତ୍ରୀଙ୍କ ସୁରକ୍ଷା ପ୍ରତି ଅଧିକ ଯତ୍ନବାନ ରହିଛି। ବିଶେଷକରି ଟ୍ରେନରେ ହେଉଥିବା ଗଞ୍ଜେଇ ଚାଲାଣ ସମ୍ପୂର୍ଣ୍ଣ ଭାବେ ରୋକିବା ପାଇଁ ପ୍ରୟାସ ଜାରି ରହିଛି। ଏଥିପାଇଁ ଥାନାର କେତେଜଣ ପୋଲିସ ଅଫିସରଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି ବୋଲି ସେ କହିଛନ୍ତି। କଟକ ଜିଆରପି ଏସ୍‌ପି ବ୍ରହ୍ମପୁର ରେଳଷ୍ଟେଶନ୍ ଗସ୍ତରେ ଆସି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି।


ଖବରଦାତା ସମ୍ମିଳନୀରେ ଏସ୍‌ପି ଓ ଅନ୍ୟ ଅଧିକାରୀ।

ସେ ବିଭାଗୀୟ ଅଧିକାରୀଙ୍କୁ ନେଇ ଆଇନ ଶୃଙ୍ଖଳା ଓ ଅପରାଧ ସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ। ଖୋର୍ଦ୍ଧା ଜିଆରପି ଡିଏସପି ଆଦିତ୍ୟ କୁମାର ସେଠୀ ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଉପସ୍ଥିତ ଥିଲେ।

ଶୁକ୍ରବାର ବ୍ରହ୍ମପୁର ଜିଆରପି ପୋଲିସ ୧ନମ୍ବର ପ୍ଲାଟଫର୍ମରୁ ସନ୍ଦିଗ୍ଧ ଅବସ୍ଥାରେ ତାରସିଂ ଥାନା ସୋରିଷମୂଳି ନିକଟସ୍ଥ ତୁରୁମୁ ଗ୍ରାମର ନୀଳମଣି ଗେଡ଼ଙ୍କୁ ଧରିଥିଲା। ତାଙ୍କ ବ୍ୟାଗ୍ ଯାଞ୍ଚ ପରେ ୨୧କେଜି ୬ଶହ ଗ୍ରାମ ଗଞ୍ଜେଇ ମିଳିଥିଲା। ନୀଳମଣି କନ୍ଧମାଳ ଜିଲାରୁ ଗଞ୍ଜେଇ ଆଣି ଟ୍ରେନରେ ବିଶାଖାପାଟଣା ଚାଲାଣ କରିଥାନ୍ତା ବୋଲି ତଦନ୍ତରୁ ଜଣାପଡ଼ିଛି। ସେହିପରି ବିଭିନ୍ନ ସ୍ଥାନରୁ ପୋଲିସ ପ୍ରାୟ ୨୦ଟି ଚୋରି ମୋବାଇଲ ଜବତ କରିଛି। ଏ ସଂକ୍ରାନ୍ତରେ କେ.ନୂଆଗାଁ ଥାନା ଇଲାକାର ସୁଜିତ ବେହେରା ଓ ଗିରିସୋଲାର ଡି. ସନ୍ତୋଷଙ୍କୁ ଗିରଫ କରାଯାଇଛି।

